ବର୍ଷ-୨୪, ସଂଖ୍ୟା-୧୮୭
ଭୁବନେଶ୍ୱର
୦୬ ଅଗଷ୍ଟ, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 187
Bhubaneswar
06 August, 2024, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ବାଂଲାଦେଶରେ ସେନା ଶାସନ





## ● ଦେଶ ଛାଡିବା ପୂର୍ବରୁ ଇସ୍ତଫା ଦେଲେ ପ୍ରଧାନମନ୍ତ୍ରୀ ଶେଖ୍ ହସିନା

## ● ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପଶି ଭଙ୍ଗାରୁଜା କଲେ ହଜାର ହଜାର ଆନ୍ଦୋଳନକାରୀ

**ଢାକା,୫।୮(ମହାଭାରତ):** ବାଂଲାଦେଶରେ ଦୀର୍ଘ ଦିନ ଧରି ଚାଲିଥିବା ସଂରକ୍ଷଣ ବିରୋଧୀ ହିଂସାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ପ୍ରଧାନମନ୍ତ୍ରୀ ଶେଖ ହସିନା। ଲକ୍ଷ ଲକ୍ଷ ନାଗରିକଙ୍କ ବ୍ୟାପକ ହିଂସାକାଣ୍ଡ, ଶତାଧିକ ଲୋକଙ୍କ ଜୀବନହାନୀ ପରେ ଶେଷରେ ସେନା ଚାପରେ ଆଜି ଇସ୍ତଫା ଦେଇଛନ୍ତି ଶେଖ ହସିନା। କେବଳ ଇସ୍ତଫା ଦେଇନାହାଁନ୍ତି ନିଜ ଜୀବନ ବଞ୍ଚାଇ ଦେଶ ଛାଡିବାକୁ ବାଧ୍ୟ ହୋଇଛନ୍ତି। ଶେଷରେ ଦୀର୍ଘ ୧୫ ବର୍ଷ ପରେ ଶେଖ ହସିନାଙ୍କ ଯୁଗର ସମାପ୍ତ ହୋଇଛି ଓ ବାଂଲାଦେଶରେ ଲାଗୁ ହୋଇଛି ସେନା ଶାସନ। ଦେଶର ସେନା ମୁଖ୍ୟ ଜେନେରାଲ ୱାକେର ଉଜ ଜମାନ ବାଂଲାଦେଶର ଶାସନ ଭାର ନିଜ ହାତକୁ ନେଇଛନ୍ତି। ଶେଖ ହସିନା ଦେଶ ଛାଡିବା ପରେ ବିକ୍ଷୋଭକାରୀମାନେ ତାଙ୍କ ବାସଭବନରେ ପ୍ରବେଶ କରି ବିଜୟ ଉତ୍ସବ ମନାଇଥିବାବେଳେ ବ୍ୟାପକ ଭଙ୍ଗାରୁଜା, ଲୁଟ୍‌ପାଟ୍ କରିବାକୁ ପଛାଇନାହାଁନ୍ତି। ଶେଖ ହସିନାବାଂଲାଦେଶରୁ ଆସି ଭାରତରେ ପହଞ୍ଚିଛନ୍ତି ଓ ପରେ ଇଂଲଣ୍ଡ ଅଭିମୁଖେ ଯାତ୍ରା କରିବେ ଜଣାପଡିଛି। ଭାରତରେ ସେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କୁ ଭେଟିଛନ୍ତି। ବାଂଲାଦେଶର ସ୍ଥିତିକୁ ନେଇ ସୀମାରେ ହାଇଆଲର୍ଟ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହା ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥିତ ଥିଲେ । ଏହି ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ଉପସ୍ଥିତ ଥିଲେ। ବାଂଲାଦେଶର ସଦ୍ୟତମ ସ୍ଥିତି ସମ୍ପର୍କରେ ଅଧିକାରୀ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି ।

ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା କଥା ଜେନେରାଲ ଜମାନ କହିବା ପରେ ଲୋକଙ୍କୁ ଶାନ୍ତି ବଜାୟୀ ରଖିବାକୁ ଅନୁରୋଧ କରିଛନ୍ତି। ଏଥିସହ ସେ ବିଭିନ୍ନ ରାଜନୀତିକ ଦଳର ନେତାଙ୍କୁ ଭେଟି ଦେଶର ଆଇନଶୃଙ୍ଖଳାର ସବୁ ଦାୟିତ୍ୱ ଏବେ ଠାରୁ ତାଙ୍କର ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କର ଏପରି ଘୋଷଣା ପରେ ଦେଶରେ ବିଧିବଦ୍ଧ ଭାବେ ସାମରିକ ଶାସନ ଆରମ୍ଭ ହୋଇଛି। ଜେନେରାଲ ୱାକେର ଉଜ ଜମାନ ସେନା ପୋଷାକରେ ଦେଶକୁ ସମ୍ବୋଧନ କରି କହିଛନ୍ତି, ଆମେ ଗୋଟିଏ ଅନ୍ତରୀଣ ସରକାର ଗଠନ କରିବୁ। ଏ ଦେଶ ଅନେକ କିଛି ହରାଇଛି। ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଛି। ଅନେକ ଲୋକଙ୍କୁ ହତ୍ୟା କରାଯାଇଛି। ଏବେ ହିଂସା ବନ୍ଦ କରିବାର ସମୟ। ଏହି ସମ୍ବୋଧନ ପରେ ମୋର ଆଶା ସ୍ଥିତିରେ ସୁଧାର ଆସିବ।ଜମାନ ଇନଫାଣ୍ଟ୍ରୀ ଅଫିସର ଭାବେ ଦୀର୍ଘ ୪ ଦଶନ୍ଧି ଧରି ବାଂଲାଦେଶ ସେନାରେ କାର୍ଯ୍ୟ କରିଛନ୍ତି। ଚଳିତ ବର୍ଷ ହିଁ ତାଙ୍କୁ ସେନା ବାହିନୀର ମୁଖ୍ୟ ଭାବେ ନିଯୁକ୍ତି ମିଳିଥିଲା। ସେ ଆହୁରି କହିଛନ୍ତି, ଯଦି ସ୍ଥିତିରେ ସୁଧାର ଆସିବ, ତା’ହେଲେ ଏମର୍ଜେନ୍ସି ଲାଗୁ କରିବାର ଆବଶ୍ୟକ ନାହିଁ। ନୂଆ ଅଧିକାରୀମାନେ ସମସ୍ତ ହତ୍ୟାକାରୀଙ୍କୁ ଦଣ୍ଡ ଦେବେ।ଏବେ ଶିକ୍ଷାର୍ଥୀମାନଙ୍କ କାମ ହେଲା, ସେମାନେ ଶାନ୍ତ ହୁଅନ୍ତୁ ଓ ଆମକୁ ସହଯୋଗ କରନ୍ତୁ।

ଗତ ମାସ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ପରେ କିଛି ଦିନ ଆନ୍ଦୋଳନରେ ବିରାମ ଲାଗିଥିଲା। ଗତକାଲି ପୁଣି କିଛି ଛାତ୍ର ସଂଗଠନ ଏବଂ ବିରୋଧୀ ଦଳ ଆନ୍ଦୋଳନକୁ ଓହ୍ଲାଇଥିଲେ।ଏଥିରେ ପୁଣି ଶତାଧିକ ଲୋକଙ୍କ ଜୀବନ ଯାଇ ଥିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି। ଏହା ପରେ ଗୃହ ମନ୍ତ୍ରୀ ଦେଶବ୍ୟାପୀ କର୍ଫ୍ୟୁ ଜାରି କରିବା ସହ ତିନି ଦିନିଆ ଛୁଟି ଘୋଷଣା କରିଥିଲେ।

ବାଂଲାଦେଶରେ ବିକ୍ଷୋଭ ଆଜି ଉଗ୍ରରୂପ ନେଇଥିଲା। ଦେଶବ୍ୟାପୀ କର୍ଫ୍ୟୁ ସତ୍ତ୍ୱେ ଆଜି ସକାଳୁ ବିଭିନ୍ନ ଭାଗରେ ହିଂସାକାଣ୍ଡ ହୋଇଥିଲା।କେଉଁଠି ପୋଲିସ ସହ ତ ଆଉ କେଉଁଠି ଶାସକ ଦଳ କର୍ମୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ବିକ୍ଷୋଭକାରୀ ଛାତ୍ର ବିଭିନ୍ନ ସ୍ଥାନରେ ପୋଡାଜଳା କରିବା ସହ ବଙ୍ଗବନ୍ଧୁ ଶେଖ ମୁଜିବୁର ରେହମାନଙ୍କ ମୂର୍ତ୍ତି ମଧ୍ୟ ହାତୁଡିରେ ପିଟି ଭାଙ୍ଗି ପକାଇଥିଲେ। ବିଭିନ୍ନ ସ୍ଥାନରେ ପୋଡ଼ାଜଳା ସହ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ(ଗଣ ଭବନ)କୁ ଧସେଇ ପଶିଥିଲେ ହଜାର ହାଜର ଆନ୍ଦୋଳନକାରୀ। ଏହା ପରେ ବାସଭନରେ ବ୍ୟାପକ ଭଙ୍ଗାରୁଜା କରିଥିବା ଦେଖାଯାଇଥିଲା। ଏହା ପରେ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ପଦରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେବା ପୂର୍ବରୁ ଶେଖ୍ ହସିନା ସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭାରତ ଚାଲି ଆସିଛନ୍ତି। ସେ ପ୍ରଥମେ ତ୍ରିପୁରା ଓ ପରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ସେ ନୂଆଦିଲ୍ଲୀ ଉପକଣ୍ଠ ଗାଜିଆବାଦରେ ଥିବା ଭାରତୀୟ ବାୟୁସେନାର ବିମାନଘାଟି ହିଣ୍ଡନରେ ଓହ୍ଲାଇଥିଲେ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶାର ୨୦ ବିଜେପି ସାଂସଦ

ନୂଆଦିଲ୍ଲୀ,୫।୮(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଲେ ଓଡ଼ିଶା ସାଂସଦ। ଆଜି ସଂସଦ ଭବନ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀଙ୍କୁ



ଭେଟିଛନ୍ତି ଓଡ଼ିଶାର ସମସ୍ତ ୨୦ ବିଜେପି ଲୋକସଭା ଓ ଜଣେ ରାଜ୍ୟସଭା ସାଂସଦ। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗରେ ସାଂସଦଙ୍କ ସହ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆଲୋଚନାକୁ ନେଇ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ସୋଶାଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ, ଆଜି ସଂସଦ ଭବନରେ ଓଡ଼ିଶାର ସାଥୀ ସାଂସଦ ମାନଙ୍କ ସହ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ବିଭିନ୍ନ ବିଷୟ ଉପରେ ଚର୍ଚ୍ଚା ଆଲୋଚନା କରିବା ସହ ତାଙ୍କର ମାର୍ଗଦର୍ଶନ ପ୍ରାପ୍ତ କଲୁ। ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ମୋଦୀ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବି ଉଲ୍ଲେଖ କରିଛନ୍ତି ବୈଜୟନ୍ତ ପଣ୍ଡା।

# ଦରକାର ପଡ଼ିଲେ ପଞ୍ଜାବରୁ ଆସିବ ଆଳୁ

ଭୁବନେଶ୍ୱର,୫।୮(ମହାଭାରତ): ପଡ଼ୋଶୀ ପଶ୍ଚିମବଙ୍ଗ ସରକାର ବ୍ଲାକମେଲ କରିବାରୁ ଉତ୍ତରପ୍ରଦେଶରୁ ଆସୁଛି ଆଳୁ। ବର୍ତ୍ତମାନ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ



ଆଳୁ ଅଛି। ଦରକାର ପଡ଼ିଲେ ପଞ୍ଜାବରୁ ଆଳୁ ଆସିବ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ଶ୍ରୀ ପାତ୍ର କହିଛନ୍ତି, ଉତ୍ତରପ୍ରଦେଶ ଆଳୁ ଶୀଘ୍ର ପଚିବା କଥା ସମ୍ପୂର୍ଣ୍ଣ ମିଛ। ଉତ୍ତରପ୍ରଦେଶ ଆସିଥିବା ଆଳୁ ଓଡ଼ିଶାରେ ବିକ୍ରି ହେଲାଣି। ୟୁପି ଆଳୁର କ୍ୱାଲିଟି ବହୁତ ଭଲ। ପଶ୍ଚିମବଙ୍ଗ ବ୍ଲାକ ମେଲ ଶିକାର ନ ହୋଇ ଆମେ ଆମ ସ୍ୱାଭିମାନକୁ ଦେଖିଲୁ। ଖାଉଟିଙ୍କ ପାଖରେ ଆଳୁ ପହଞ୍ଚାଇଲୁ ବୋଲି ମନ୍ତ୍ରୀ କହିଛନ୍ତି। ଆଳୁ ଦର ବଢ଼ିବା ନେଇ ମନ୍ତ୍ରୀ କହିଛନ୍ତି, କେବଳ ଓଡ଼ିଶାରେ ନୁହେଁ। ସମଗ୍ର ଦେଶରେ ଆଳୁ ରେଟ୍ ଅଧିକା ରହିଛି। ଏହି ସିଜିନରେ ଆଳୁ ରେଟ୍ ଟିକେ ଅଧିକ ରହିଥାଏ। ଉତ୍ତରପ୍ରଦେଶରେ ଆଳୁ ରେଟ୍ କମିଲେ, ଓଡ଼ିଶାରେ ଦର କମିବ। ବର୍ତ୍ତମାନ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ ଆଳୁ ଅଛି। ଧୀରେଧୀରେ ଆଳୁ ରେଟ୍ କମିବ ବୋଲି ମନ୍ତ୍ରୀ କହିଛନ୍ତି। ପଶ୍ଚିମବଙ୍ଗ ଆଳୁ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଆଳୁ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହା ସତ୍ତ୍ୱେ ବିବାଦ ସମାଧାନ ହେଲାନାହିଁ। ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ ଟ୍ରକ୍ ଗୁଡ଼ିକୁ ଅଧା ରାସ୍ତାରେ ଅଟକା ଯାଉଛି। ପଶ୍ଚିମବଙ୍ଗ ପୁଲିସ୍ ଆଳୁ ଟ୍ରକ ଅଟକାଇ ୨୦ରୁ ୪୦ ହଜାର ଟଙ୍କା ଲେଖାଏଁ ଚାନ୍ଦା ଆଦାୟ କରୁଛି। ଯେଉଁଥିପାଇଁ ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ ଓଡ଼ିଶାରେ ଅଧିକ ପଡୁଛି ବୋଲି ମନ୍ତ୍ରୀ କହିଛନ୍ତି।

# ଲୋକଙ୍କ ଗୁହାରି ଶୁଣିଲେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ

**ଭୁବନେଶ୍ୱର,୫।୮(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜ୍ୟ ଅଭିଯୋଗ ପ୍ରକୋଷ୍ଠରେ ଶହ ଶହ ଲୋକଙ୍କ ଠାରୁ ସେମାନଙ୍କ ସମସ୍ୟା ଶୁଣିଥିଲେ। ଲୋକଙ୍କୁ ଆଶ୍ୱାସନା ଦେବା ଓ ସମସ୍ୟା ସମାଧାନ ହେବାର ପ୍ରତିଶୃତି ଦେବା ସହିତ ଧର୍ଯ୍ୟହରା ନ ହେବା ପାଇଁ ପରାମର୍ଶ ଦେଉଥାନ୍ତି। ଆଜି ମୁଖ୍ୟମନ୍ତ୍ରୀ ସକାଳ ୧୦ଟାରେ ଶୁଣାଣି ଆରମ୍ଭ କରି ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ଶୁଣାଣି ଜାରି ରଖିଥିଲେ। ସମୁଦାୟ ୨୪୦୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ଏବଂ ପ୍ରାୟ ୫ ହଜାରରୁ ଅଧିକ ଲୋକ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଭେଟି ଥିଲେ।

ସାଧାରଣ ଲୋକଟିଏ ପକ୍ଷରେ ଜଣେ ଉଚ୍ଚ ପଦାଧିକାରୀଙ୍କୁ ଭେଟିବା କଷ୍ଟକର ହୋଇଥାଏ। କିନ୍ତୁ ନିଜେ ମୁଖ୍ୟମନ୍ତ୍ରୀ ଯେତେବେଳେ ତାଙ୍କ ଦୁଃଖ ଶୁଣୁଛନ୍ତି, ସେତେବେଳେ ସେମାନେ ଖୁସିରେ ଆତ୍ମହରା ହେଉଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଦରପୂର୍ଣ୍ଣ କଥାରେ ସେମାନ ଆନନ୍ଦିତ ହେଉଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ନିର୍ଦ୍ଦେଶ ପାଇ ଅଧିକାରୀମାନେ ମଧ ତତ୍ପରାତର ସହ ଲୋକଙ୍କ ଅଭିଯୋଗକୁ ସଂପୃକ୍ତ ବିଭାଗକୁ ତ୍ୱରିତ ପଦକ୍ଷେପ ପାଇଁ ପ୍ରେରଣ କରୁଥାନ୍ତି। ଏ ଥିଲା ଆଜିର ଅଭିଯୋଗ ପ୍ରକୋଷ୍ଠର ଦୃଶ୍ୟ- ଯେଉଁଠି



ସାଧାରଣ ଲୋକ ଓ ସରକାରଙ୍କ ମଧ୍ୟରେ ନଥିଲା କୌଣସି ପ୍ରାଚୀର।

ଜୁଲାଇ ୧ ତରିଖରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରକ୍ରିୟା ଆଜି ତୃତୀୟ ଦିନରେ ପହଂଚିଲା। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ, ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଆଜି ଆସିଥିବା ବିଭିନ୍ନ ଅଭିଯୋଗକାରୀମାନଙ୍କ ମଧ୍ୟରୁ ଜଣେ ଥିଲେ ଖୋର୍ଦ୍ଧା ଟାଙ୍ଗୀର ବ୍ୟକ୍ତି ସନ୍ତୋଷ ସାହୁ । ସେ ଜଣେ ଭିନ୍ନକ୍ଷମ। ବିଧିବଦ୍ଧଭାବେ ଉପଯୁକ୍ତ ପ୍ରକ୍ରିୟାରେ ନିଯୁକ୍ତି ପାଇଥିଲେ ମଧ ତାଙ୍କ ଚାକିରୀ ଛଡେଇ ନିଆ ଯାଇଛି ବୋଲି ତାଙ୍କର ଥିଲା ଅଭିଯୋଗ। ୮ ବର୍ଷ ହେଲାଣି ତାଙ୍କ ପାଂଚ ପ୍ରାଣୀ କୁଟୁମ୍ବକୁ ପୋଷିବା ପାଇଁ ସେ ବହୁତ ଦୁଃଖ କଷ୍ଟ ସହୁଛନ୍ତି। ତାଙ୍କ ସମସ୍ୟାକୁ ଉପଯୁକ୍ତ ଅନୁସନ୍ଧାନ କରାଯାଇ ତାଙ୍କୁ ନ୍ୟାୟ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରତିଶୃତି ପାଇବା ପରେ ସେ ଆଶ୍ୱସ୍ତ ହୋଇ ଫେରିଥିଲେ। ସେହିପରି ଗଞ୍ଜାମ ଜିଲ୍ଲାର ଗୋଟିଏ ଗରିବ ପରିବାରର ଦିବ୍ୟାଙ୍ଗ ଯୁବକ ବୁଲୁ ବିଶ୍ୱାଳ। ଦୈନନ୍ଦିନ ଗୁଜୁରାଣ ମେଂଟାଇବା ସହିତ ପରିବାର ଚଳାଇବା ପାଇଁ ସ୍କୁଟି ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ ସ୍କୁଟି ଦିଆଯିବ ବୋଲି କହିଥିଲେ। ସେଥିପାଇଁ ସେ ଖୁସୀ ମନରେ ଫେରିଲେ।ଭୁବନେଶ୍ୱର ଶିରିପୁର ଅଞ୍ଚଳର ସୁଭାଷିନୀ ଦେଇ। ବୟସ ୮୨ ବର୍ଷ। ବେଗୁନିଆ ବ୍ଲକରେ ଭତ୍ତା ପାଉଛନ୍ତି। ତାଙ୍କ ଭତ୍ତାକୁ ଭୁବନେଶ୍ୱରରେ ପ୍ରଦାନ କରିବା ପାଇଁ ସେ ନିବେଦନ କଲେ ମୁଖ୍ୟମନ୍ତ୍ରୀଙ୍କୁ। ସଙ୍ଗେ ସଙ୍ଗେ ଜିଲ୍ଲାପାଳଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଗଲା।

ଏମିତି ଅନେକ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନିଜର ସମସ୍ୟା ସମାଧାନ କରିବା ପାଇଁ ଆସିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆଶ୍ୱାସନା ପାଇ ଆଶା ଓ ଭରସାର ସହିତ ଖୁସି ମନରେ ଫେରିଥିଲେ।

## ବଢ଼ିବ ବର୍ଷା

ଭୁବନେଶ୍ୱର,୫।୮(ମହାଭାରତ): ସକ୍ରିୟ ମୌସୁମୀ ପ୍ରଭାବରେ କାଲିଠୁ ରାଜ୍ୟରେ ବର୍ଷାର ପରିମାଣ ବଢିବୟ ପ୍ରବଳ ବର୍ଷା ନେଇ ଆସନ୍ତାକାଲି ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, କାଲିଠୁ ରାଜ୍ୟରେ ପ୍ରବଳ ବର୍ଷା ହେବ। ସେହି ଜିଲ୍ଲା ଗୁଡିକ ହେଲା ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ ଓ ନୟାଗଡ଼। ଏହି ସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ମଧ୍ୟ ବର୍ଷା ହୋଇପାରେ।

# କୋଟିପତି ଅତିରିକ୍ତ ମୁଖ୍ୟଯନ୍ତ୍ରୀ

ଭୁବନେଶ୍ୱର,୫।୮(ମହାଭାରତ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ପୁଣି ଜଣେ ବଡ଼ ଅଧିକାରୀ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ସର୍କଲ ଓବିସିସି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ ରଥଙ୍କ ଘରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଭିଜିଲାନ୍ସ ଏକକାଳୀନ ୧୨ଟି ସ୍ଥାନରେ ଚାଉ କରିଛି। କଟକ,ଖୋର୍ଦ୍ଧା, ଭଦ୍ରକଓ ଯାଜପୁର ଓ ଭୁବନେଶ୍ୱରର ୧୨ଟି ସ୍ଥାନରେ ଚାଉ କରାଯାଇଛି।

ପ୍ରଦୀପଙ୍କ ଭୁବନେଶ୍ୱର ସତ୍ୟବିହାର ସ୍ଥିତ ଘର ଓ ଚନ୍ଦ୍ରଖେଶରପୁରରେ ଥିବା ଆପାର୍ଟମେଣ୍ଟ ,ଭଦ୍ରକ ଆଚାର୍ଯ୍ୟ ନଗରରେ ଥିବା ଘର, ଆଗରପଡ଼ାରେ ଥିବା ପୈତୃକଘର ଓ କଟକ ବାରବାଟୀ ଷ୍ଟାଡିୟମ୍ ପରିସରରେ ଥିବା ଅଫିସରେ ଏହି ଚାଉ କରାଯାଇଛି। ଚଢ଼ାଉ ବେଳେ ଭୁବନେଶ୍ୱରରେ ୩ ମହଲା କୋଠା, ଭଦ୍ରକରେ ୩ ମହଲା କୋଠା,ଭୁବନେଶ୍ୱର



ଚନ୍ଦ୍ରଶେଖରପୁରରେ ଗୋଟିଏ ଆପାର୍ଟମେଣ୍ଟ, ପାଣ୍ଡରାରେ ଗୋଟିଏ ଫ୍ଲାଟ ଓ ଢେଙ୍କାନାଳରେ ଗୋଟିଏ କ୍ରସର ଥିବା ଜଣାଯାଇଛି। ସେହିପରି ପ୍ରଦୀପଙ୍କୁ ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଭଦ୍ରକ, ଯାଜପୁରରେ ୪୨ଟି ପ୍ଲଟ୍,୨ଟି ଜେସିବି, ଗୋଟିଏ ଏକ୍ସକାଭେଟର, ଗୋଟିଏ କାର୍, ୨ଟି ବାଇକ୍ବ୍ୟାଙ୍କ ଓ ଡାକଘରେ ୮୮ ଲକ୍ଷର ଜମା ମଧ ଠାବ କରିଛି ଭିଜିଲାନ୍ସ। ବାବୁଙ୍କର ଏପରି ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ତାଜୁବ ହୋଇଯାଇଛନ୍ତି।

ସେହିପରି ଭୁବନେଶ୍ୱର ଇନ୍ଦ୍ରଧନୁ ମାର୍କେଟରେ ପ୍ରଦୀପଙ୍କ ପୁଅ ନାଁରେ ଥିବା ମେଡିସିନ ଦୋକାନରେ ଚାଉ କରାଯାଇଥିବା ସୂଚନା ରହିଛି। ପ୍ରଦୀପଙ୍କ ଯାଜପୁର ଓ ଖୋର୍ଦ୍ଧାରେ ଥିବା ସମ୍ପର୍କୀୟଙ୍କ ଘରେ ମଧ୍ୟ ଚାଉ କରାଯାଇଛି।

ପ୍ରଦୀପ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଅଧିକାରୀ ଘଟଣାର ତଦନ୍ତ କରି ଆଜି ଭୋର ପ୍ରାୟ ୪ଟା ସମୟରେ ୧୨ ଟି ସ୍ଥାନରେ ଚାଉ କରିଛନ୍ତି। ଏହି ଚଢ଼ାଉରେ ୯ ଡିଏସପି ସହ ୧୧ ଇନ୍ସପେକ୍ଟର ସାମିଲ ହୋଇଛନ୍ତି।

# ଦୁର୍ଘଟଣାରେ ୩ ମୃତ

## ମୃତକଙ୍କ ମଧ୍ୟରେ ଦୁଇ ଛାତ୍ର, ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ

ଯୋଡ଼ା,୫।୮(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ଡି ଏ ଭି ସ୍କୁଲ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ମାନେ ହେଉଛନ୍ତି ଯୋଡ଼ା ଆଜାଦ ବସ୍ତି ନେପାଳୀ ହାଟିଂର ନିକିତା ଭୁସଲ ପିତା କ୍ରିଷ୍ଣା ଭୂଷାଲ ଇଉ କେଜି ଡିଏଭି



ଛାତ୍ର, ଗଣେଶ ଶର୍ମା ଡିଏଭି ଷ୍ଟାଣ୍ଡାଡ ୧ର ଛାତ୍ର ହୋଇ ଥିବାବେଳେ,ସୋନୁ ଭୁସଲ୍ (୪୦)। ଏହି ଦୁର୍ଘଟଣା ସକାଳ ୬.୩୦ ସୁଦ୍ଧା ହୋଇଥିବାବେଳେ ଗାଡିର ଚାଳକ ସୋନୁର ବାଇକ୍ କୁ ପଛ ପଟ ରୁ ଧକା ଦେଇ ଫେରାର ହୋଇଯାଇଥିଲା। ତେବେ ବାଇକ୍ ର ନ ଓଡ଼ି ୦୯କେ୪୬୪୨ ଥିବାର ଦେଖିବାକୁ ମିଳିଥିଲା। ଏହିଁ ଦୁର୍ଘଟଣା ପରେ ରାସ୍ତା ଅବରୋଧ କରିବାପରେ ଦିବା୧୧ ଟା ସମୟରେ ବଡବିଲ ତହସିଲଦାର, ବଡବିଲ ଏସ ଡି ପି ଓ ପହଞ୍ଚିବା ପରେ ଏକ ଲିଖିତ ଦାବି ପତ୍ର ମୃତକଙ୍କ ପରିବାର ତରଫରୁ ଦିଆ। ଯାଇ ଥିଲା।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପାଇଁ ତୁରନ୍ତ ୩୦ ହଜାର ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି। ଏଥି ସହିତ ହିଟ୍ ଆଣ୍ଡ ରନ୍ କେସ୍ ସୋଲାସିୟମ ସ୍କିମରେ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ବ୍ୟବସ୍ଥା କରାଯାଇଛି। ମୃତ କ୍ରିଷ୍ଣା ଭୁଷାଲଙ୍କ ଅନ୍ୟତମ ପୁଅ ନିସାଲ ଭୁଷାଲଙ୍କୁ ଟାଟା ଡି.ଏ.ଭି. ସ୍କୁଲରେ ମାଗଣା ପାଠ ପଢାଇବାର ବ୍ୟବସ୍ଥା କରାଯାଇଛି। ଏଥି ସହିତ ମୃତ ଗଣେଶ ଶର୍ମାଙ୍କ ଭାଇ ଆଦିତ୍ୟ ଶର୍ମାଙ୍କୁ ଟାଟା ଡି.ଏ.ଭି.ରେ ମଧ୍ୟ ମାଗଣା ପାଠ ପଢାଇବାର ବ୍ୟବସ୍ଥା କରାଯାଇଛି।

# ରତ୍ନଭଣ୍ଡାର ଯାଞ୍ଚ ନେଇ ଏସଓପି ପ୍ରସ୍ତୁତ

ପୁରୀ,୫।୮(ମହାଭାରତ): ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ପୂର୍ବାହ୍ନରେ ନିଳାଦ୍ରୀ ଭକ୍ତ ନିବାସ ଠାରେ ଅନୁଷ୍ଠିତ ହୋଇଛି। ରତ୍ନଭଣ୍ଡାର ମରାମତି କିପରି କରାଯିବ, କେଉଁ କେଉଁ ନିୟମ ପାଳନ କରାଯିବ, କେଉଁସବୁ ଅତ୍ୟାଧୁନିକ ବ୍ୟବସ୍ଥା କରାଯିବ ସେନେଇ ପ୍ରସ୍ତୁତ ହୋଇଛି ସ୍ପେଶିଆଲ ଅପରେଟିଙ୍ଗ ପ୍ରୋସିଜ୍ୟୁର (ଏସଓପି)। ଏସଓପି ପରିଚାଳନା କମିଟିରେ ଅନୁମୋଦନ ଲାଭ କରିଛି। ଚୂଡ଼ାନ୍ତ ନିଷ୍ପତି ପାଇଁ ଏହାକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ଭର୍ଚୁଆଲ୍ ମୋଡ୍ ରେ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଅରବିନ୍ଦ ପାଢୀଙ୍କ ସମେତ ବରିଷ୍ଠ ସେବାୟତ ଓ ପରିଚାଳନା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ।

ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଅରବିନ୍ଦ ପାଢୀ ଏନେଇ ଅଧିକ ସୂଚନା ଦେଇ କହିଛନ୍ତି ଯେ, ବୈଠକରେ ମୁଖ୍ୟତଃ ୫ରୁ ୬ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ବିଶେଷ କରି ରତ୍ନଭଣ୍ଡାର ସମ୍ପର୍କରେ ଏସଓପି ହୋଇଛି ତା ଉପରେ ବିଶେଷ ଆଲୋଚନା ହୋଇଥିଲା । ଭିତର ଓ ବାହାର ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଇତିମଧ୍ୟରେ ଟେମ୍ପୋରାରି ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତରିତ ହୋଇସାରିଛି। ଏବଂ ରତ୍ନଭଣ୍ଡାରର ମରାମତି ପୂର୍ବରୁ ଯେଉଁ ପୁରୁଣା, ଆଲମିରା କିମ୍ବା ସିନ୍ଦୁକ ଯାହା ସବୁ ସେଠାରେ ରହିଛି ସେସବୁକୁ କିଭଳି ଭାବେ ସ୍ଥାନାନ୍ତରିତ କରାଯିବ ଏବଂ ଯାହା ଆଲୋଚନା ବିଗତ ଦିନରେ ହୋଇଥିଲା ଲେଜର ସ୍କାନିଂ ବା ସାଇଂଟିଫିକ୍ ଠୁଲସ୍, ଟେକନିକ୍ ବ୍ୟବହାର କରାଯିବ ତା ଉପରେ ମଧ୍ୟ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ଏବଂ ଏହି ଏସଓପିକୁ ଆଜି ପରିଚାଳନା କମିଟି ଅନୁମୋଦନ କରିବା ପରେ ତାହାକୁ ରାଜ୍ୟ ସରକାରଙ୍କ ନିକଟକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ପ୍ରେରଣ କରାଯିବ।

ସେହିପରି ଦ୍ୱିତୀୟ ପ୍ରସ୍ତାବ ଯାହା ଉପରେ ଆଜି ବିସ୍ତୃତ ଭାବେ ଆଲୋଚନା ହୋଇଛି ତାହା ହେଲା ଶ୍ରୀଜଗନ୍ନାଥ ମନ୍ଦିର ଭୂ-ସମ୍ପତି ପରିଚାଳନା ଅଧିନିୟମ-୨୦୨୪ । ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ଯାହାବି ଜମି, ସମ୍ପତି ରହିଛି ତା’ର ପରିଚାଳନା ପାଇଁ ଯେଉଁ ନିୟମ ଗୁଡିକ ଲାଗୁ ହେବା କଥା ତା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ଏବଂ ଆମେ ଡ୍ରାଫ୍ଟ ରୁଲ୍ ଯାହା ରହିଛି ତାକୁ ଆଜି ପରିଚାଳନା କମିଟି ବୈଠକରେ ଅନୁମୋଦନ କରାଯାଇଛି । ଏବଂ ଏହାକୁ ପରବର୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରାଯିବ । ଏବଂ ସରକାରଙ୍କ ଅନୁମୋଦନ ଲାଭ କରିବା ପରେ ତାହାକୁ କାର୍ଯ୍ୟକାରୀ କରାଯିବ । ଏହା ସହିତ କେତୋଟି ଅଲଗା ପ୍ରସଙ୍ଗ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଆପଣମାନେ ଜାଣିଛନ୍ତି ଅବଢ଼ା ଯୋଜନା ମାଧ୍ୟମରେ ୩୫ ଗୋଟି ଶୀତତାପ ନିୟନ୍ତ୍ରିତ ମିନି ଇ-ବସ୍ ଆସିଛି ଶ୍ରୀମନ୍ଦିର ପ୍ରଶାସନକୁ। ଓବିସିସି ଏହାକୁ କିଣି ଶ୍ରୀମନ୍ଦିର ପ୍ରଶାସନକୁ ଦେଇଛନ୍ତି । ସେ ସମ୍ବନ୍ଧରେ ଆଲୋଚନା ହେଲା ପରେ ନିଷ୍ପତି ନିଆଯାଇଥିଲା ଯେ, ପରିଚାଳନା କମିଟି ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଜଣାଇବେ । ଓଏସଆରଟିସି କିମ୍ବା କୌଣସି ଅଲଗା ଏଜେନ୍ସୀକୁ ତାହାକୁ ହସ୍ତାନ୍ତର କରାଯିବ, ପରବର୍ତୀ ସମୟରେ ତାକୁ ସେମାନେ ପରିଚାଳନା କରିବେ । ସେହିପରି ଚତୁର୍ଥ ବିଷୟ ଅର୍ପଣ ଚାଉଳ ସମ୍ବନ୍ଧରେ ବିଭିନ୍ନ ଆଲୋଚନା, ପର୍ଯ୍ୟାଲୋଚନା ଚାଲିଛି । ସେ ସମ୍ବନ୍ଧରେ ଆଜି ପରିଚାଳନା କମିଟି ମୁଖ୍ୟପ୍ରଶାସକ ଏବଂ ଜିଲ୍ଲାପାଳଙ୍କୁ ଅଧିକୃତ କରିଛନ୍ତି ଯେ, ଏହି ଅର୍ପଣ ଚାଉଳ ସମ୍ବନ୍ଧୀୟ ସେବା ସମ୍ପୃକ୍ତ ନିଯୋଗ ଯେତେ ରହିଛନ୍ତି ସେମାନଙ୍କ ସହିତ ଆଲୋଚନା କରିବେ ଏବଂ ଏ ସମ୍ବନ୍ଧରେ ସରକାରଙ୍କୁ ଯାହାବି ଉପଯୁକ୍ତ ପ୍ରସ୍ତାବ ଦେବୁ ଏବଂ ସରକାର ଏନେଇ ଚୂଡ଼ାନ୍ତ ନିଷ୍ପତି ନେବେ। ତା ସହିତ ଅନ୍ୟାନ୍ୟ ପ୍ରସଙ୍ଗ ଯଥା ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏ ସମ୍ବନ୍ଧରେ ଜିଲ୍ଲାପାଳ ଓ ଏସପିଙ୍କୁ ନେଇ ଏକ କମିଟି ଗଠନ କରାଯିବ ଏବଂ ସେମାନେ ସମ୍ପୃକ୍ତ ନିଯୋଗ ସହିତ କଥା ହେବେ।

## ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ

ଭୁବନେଶ୍ୱର,୫।୮(ମହାଭାରତ): ଚଳିତ ବର୍ଷର ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀ ମାର୍ଗରେ ପାଳନ କରାଯିବ। ସୋମବାର ରାଜ୍ୟ ଗୃହ ବିଭାଗ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ସହିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି।ବୈଠକର ଆଲୋଚନାରୁ ଜଣାଯାଇଛି ଯେ ଚଳିତ ବର୍ଷ ପରେଡରେ ସ୍କୁଲ-କଲେଜ ଓ ପୋଲିସ ବାହିନୀର କଂଟିଜେଂଟକୁ ମିଶାଇ ପ୍ରାୟ ୪୦ଟି କଂଟିଜେଂଟ ଅଂଶଗ୍ରହଣ କରିବେ। ମୁଖ୍ୟମନ୍ତ୍ରୀ ସକାଳ ୯ଟା ସମୟରେ ପତାକା ଉତୋଳନ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏହାପରେ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ଏହି ଅବସରରେ ଜିଲ୍ଲାସ୍ତରର ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମ ପାଇଁ ଅଧିକ ଅର୍ଥର ବରାଦ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଥିଲେ।

# ସ୍ୱାଦିଷ୍ଟ କଫି

ଆବଶ୍ୟକ ସାମଗ୍ରୀ: କଫି ଆବଶ୍ୟକ ପରିମାଣରେ କଦଳୀ ୧ଟି, କ୍ଷୀର ୧କପ, ଡ଼ାଲଚିନି ଗୁଣ୍ଡ ୧ ଚାମଚ, ଚିନି ଆବଶ୍ୟକ ପରିମାଣରେ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କଦଳୀ ଓ ଚିନିକୁ ଭଲ ଭାବେ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇ ବସାଇ ଏହି ପ୍ରସ୍ତୁତ ପେଷ୍ଟକୁ ସେଥିରେ ପକାଇ ଗୋଳାନ୍ତୁ। କିଛି ସମୟ ଗୋଳାଇବା ପରେ ଏଥିରେ କ୍ଷୀର ପକାଇ ପୁଣି ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ ଏଥିରେ ଡ଼ାଲଚିନି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲ ଭାବେ ପେଷି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ର ଗ୍ୟାସରେ ବସାଇ କ୍ଷୀର, ଚିନି, କଫି ପାଉଡ଼ର ପକାଇ ଫୁଟାଇ ଦିଅନ୍ତୁ। କଫି ପ୍ରସ୍ତୁତ ହେବା ପରେ ଏହାକୁ ଏକ କାଚ ଗ୍ଲାସକୁ କାଢି ପ୍ରସ୍ତୁତ ମିଶ୍ରଣକୁ ଏହାଉପରେ ରଖନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କଫି।



## ଖବର

# ପୋଲିସ ବାବୁ ୨'ର ସଙ୍ଗୀତ ମୁକ୍ତିଲାଭ



ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକ କେବଳ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ । ଧାରାବାହିକ ନୁହେଁ ବରଂ ଭିନ୍ନ ଭିନ୍ନ ରୋଚକ କାହାଣୀକୁ ନେଇ ନିର୍ମିତ ଫିଲ୍ମ ମାଧ୍ୟମରେ ଦର୍ଶକଙ୍କ ମନ ଜିତିଛି । ଆଜି ଜୀ ସାର୍ଥକ ପ୍ରସ୍ତୁତ ଚଳଚ୍ଚିତ୍ର ପୋଲିସ ବାବୁ ୨'ର ସଙ୍ଗୀତ ମୁକ୍ତିଲାଭ କରିଛି । ଆସନ୍ତା ୧୧ ତାରିଖ ରବିବାର ସନ୍ଧ୍ୟା ସାଢେ ୬ଟାରେ ଜୀ ସାର୍ଥକରେ 'ପୋଲିସ ବାବୁ ୨' ପ୍ରସାରିତ ହେବ । ଏହାର କାହାଣୀ ଅତି ରୋଚକ ଓ ମନୋରଞ୍ଜନପୂର୍ଣ୍ଣ ରହିଛି । ସମରେଶ ରାଉତରାୟ ପ୍ରଯୋଜିତ ଓ ଶୈଳେନ୍ଦ୍ର ପରିଡା ନିର୍ଦ୍ଦେଶିତ ଏହି ଫିଲ୍ମର କାହାଣୀ ଲେଖିଛନ୍ତି ଡଃ ରଜନୀ ରଞ୍ଜନ ।କାହାଣୀ ଅନୁସାରେ ରାଜ ଜଣେ ଦୁର୍ନୀତିଗ୍ରସ୍ତ ପୋଲିସ ଅଫିସର ଯିଏ ନିଜର ବିଧବା ମା'ଙ୍କ ସହ କଟକରେ ରୁହନ୍ତି ଓ ଅଧିକା ଲାଞ୍ଚ ଲୋଭରେ ଯାଜପୁରକୁ ନିଜର ଟ୍ରାନ୍ସଫର କରିଛି । ସେଠାରେ ସେ ପାଇଛି ନିଜର ଜୀବନ ସାଥିକୁ କିନ୍ତୁ ନିଜ କର୍ମ ପାଇଁ ବିଜୁଳି ଯିଏକି ଜଣେ ଆଇନ୍ ଛାତ୍ରୀ, ତାକୁ ନାପସନ୍ଦ କରିଛି ।ସମୟ କ୍ରମେ ରାଜ ଜାଣିବାକୁ ପାଇଛି ନିଜର ମା'ର ବିଧବା ହେବାର କାରଣ ଯେ କିପରି ଜଣେ ସଚ୍ଚୋଟ ପୋଲିସ ଅଫିସର ନିଜ ଜୀବନ ହାରିଛନ୍ତି ଆଉ କିଏ ତାଙ୍କୁ ମାରିଛି ? ତେବେ ରାଜ କ'ଣ ନିଜ ବାପାଙ୍କୁ ମାରିଥିବା ଲୋକଙ୍କୁ ଶାସ୍ତି ଦେଇପାରିବ ? ବିଜୁଳି ସହିତ ତା'ର ସମ୍ପର୍କ କ'ଣ ଆଗକୁ ବଢିବ ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଫିଲ୍ମର ଶେଷରେ ।ଫିଲ୍ମର ମୁଖ୍ୟ ଭୂମିକାରେ ଅଛନ୍ତି ଓଡ଼ିଶାର ଲୋକପ୍ରିୟ କଳାକାର ମଞ୍ଜୁ, ଅନୁରାଧା ଓ ସମରେଶ ରାଉତରାୟ । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୁଡଲି ରଥ ଓ ଗୀତ ଗୁଡିକୁ ଲେଖିଛନ୍ତି ସୂର୍ଯ୍ୟ ମହାପାତ୍ର ଓ ବାପୁ ଗୋସ୍ୱାମୀ ।କଣ୍ଠଦାନ କରିଛନ୍ତି ଲିପ୍ସା , କୁଳଦୀପ, ଅନନ୍ୟା, ସୁଶାନ୍ତ, ଅନୁରାଧା ଏବଂ ନେହା ନିହାରିକା । ବିଗତ ଦିନରେ ଜୀ ସାର୍ଥକରେ ଅନେକ ଗୁଡ଼ିଏ ସୁନ୍ଦର ଚଳଚ୍ଚିତ୍ର ମୁକ୍ତିଲାଭ କରିଛି । ଦର୍ଶକଙ୍କର ଇଚ୍ଛା ଓ ରୁଚି ଦେଖି ନିଚ୍ଛକ କାହାଣୀ ବା ୟୁନିକ କନସେପ୍ଟ ଥିବା ଫିଲ୍ମକୁ ଗୁରୁତ୍ୱ ଦେଇ ଆମେ ଆଣିଛୁ ଏହି ଫିଲ୍ମ ତେଣୁ ଏହି ଫିଲ୍ମଟି ଆମର ସବୁ ଫିଲ୍ମ ପରି ଦର୍ଶକଙ୍କ ମନ ଜିତିବ ବୋଲି ମୋର ଆଶା ଓ ବିଶ୍ୱାସ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ୍ ।

# ଦାନ ଧର୍ମ କଲେ ବୃଦ୍ଧି ପାଏ ଧନସମ୍ପତ୍ତି



ଧନସମ୍ପତ୍ତିକୁ ଭଗବାନଙ୍କ କୃପା ବୋଲି ଭାବି ସହଜ ଭାବରେ ଗ୍ରହଣ କରିବା ଆବଶ୍ୟକ । ତାହା ଆପଣାର ନୁହେଁ, ପ୍ରାଣୀମାତ୍ରଙ୍କେ ଏହା ଉପରେ ଅଧିକାର ରହିଛି। ଧର୍ମଶାସ୍ତ୍ରରେ କୁହାଯାଇଛି ଯେ ଉପାର୍ଜିତ ଧନକୁ ପ୍ରଥମେ ଯୋଗ୍ୟ ପାତ୍ରରେ ପ୍ରଦାନ କରିବା ପରେ ବଳକା ଅଂଶକୁ ନିଜ ସୁଖସୁବିଧା ଲାଗି ଉପଯୋଗ କରିବା ଆବଶ୍ୟକ। ଯିଏ କେବଳ ନିଜ ପାଇଁ ଧନ ଉପାର୍ଜନ କରିଥାଏ, ଖାଇଥାଏ ସେ ପାପ କରିଥାଏ। ଧନର ତିନି ଗତି ବିଷୟରେ ଶାସ୍ତ୍ରରେ କୁହାଯାଇଛି- ଦାନ, ଭୋଗ ଏବଂ ନାଶ । ଧନକୁ ଯିଏ ବିଳାସବ୍ୟସନର ସାଧନ ବୋଲି ଗ୍ରହଣ କରିଥାଏ, ତା'କୁ ବିପତ୍ତି ମାଡ଼ି ବସିଥାଏ। ଭୁଲ ଢଙ୍ଗରେ ଉପାର୍ଜିତ ଅଧିକ ଧନ ବିପତ୍ତିର କାରଣ ହୋଇଥାଏ। ଧନିକ ବର୍ଗଙ୍କ ମଧ୍ୟରେ ଯେଉଁ ପାପାଚାର ଏବଂ ଭ୍ରଷ୍ଟାଚାର ବଢୁଛି, ତା'ର ଗୋଟିଏ କାରଣ ହେଉଛି ଅଧର୍ମ ଉପାୟରେ ଅର୍ଜିତ ଧନ। ସେଥିପାଇଁ ସାତ୍ତ୍ୱିକ ସାଧନରେ ଅର୍ଜିତ ଧନର କିଛି ଅଂଶ ଦାନ ସେବା ପରୋପକାରରେ ବିନିଯୋଗ କରିବା ଆବଶ୍ୟକ। ଦାନ, ସଦାଚାର ଏବଂ ତ୍ୟାଗବୃତ୍ତିର କାରଣରୁ ଧନର ପବିତ୍ରତା ବଜାୟ ରହିଥାଏ। ଆମ ପାଖରେ ଯେଉଁ ଧନ ରହିଛି ତାହା ଭଗବାନଙ୍କର । ଯେଉଁଠି ଦୁଃଖ, ଅଭାବ ଦେଖାଦେଉଛି, ସେଠାରେ ଆଗକୁ ଆସି ଧନ ଅର୍ପଣ କରାଯିବା ଆବଶ୍ୟକ। ଧନ ଭଗବାନଙ୍କର ହୋଇଥିବାରୁ, ଏହା ସେମାନଙ୍କର ପୁଣ୍ୟ ପ୍ରସାଦ ଅଟେ। ତାହାକୁ ପ୍ରସାଦ ଭଳି ଗ୍ରହଣ କରିବା ଏବଂ ବାଣ୍ଟିବା ଉଚିତ୍ ।

# ଶୋଇବାର ୩୦ ମିନିଟ ପୂର୍ବରୁ ଫୋନରୁ ଦୂରେଇ ରୁହନ୍ତୁ



ଗତ କିଛି ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ, ପୂର୍ବେ ଲୋକ ଗପ ବହି, ପତ୍ରିକା ପଢ଼ି ଶୋଉଥିଲେ। ଏକବିଂଶ ଶତାବ୍ଦୀରେ କିନ୍ତୁ ୭୭%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ଦେଖିଦେଖି ଶୋଇଥାନ୍ତି। କେହି ସୋସିଆଲ୍ ସାଇଟରେ ଅନ୍-ଲାଇନ୍ ରହିବାବେଳେ ଅନ୍ୟ କେହି ସେଥିରେ ସିନେମା ଦେଖିଥାନ୍ତି। ବିଶେଷଜ୍ଞଙ୍କ ମତରେ ଏଭଳି କରୁଥିବା ବ୍ୟକ୍ତିମାନେ ଏବେଠାରୁ ସଚେତନ ହେବା ଜରୁରୀ। ନଚେତ ଆଗାମୀ ଦିନରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅବନତି ହେବାର ଆଶଙ୍କା ଅଧିକ। ଶୋଇବାର ୩୦ ମିନିଟ୍ ପୂର୍ବରୁ ସ୍ମାର୍ଟଫୋନକୁ ଟେବୁଲ୍ ଉପରେ କିମ୍ବା ଶୋଇବା ଘର ଥାକରେ ରଖିବା ହିଁ ବୁଦ୍ଧିମାନର ପରିଚୟ।

● ୨୦୧୭ରେ ଇସ୍ରାଏଲର ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଥିଲା ରାତିବେଳା ସ୍ମାର୍ଟଫୋନ୍ ଅଧିକ ସମୟ ଦେଖିଲେ ତାହା କାରଣରୁ ଆମେ ଅନିଦ୍ରା ହୋଇଥାଉ। ଏଥିରୁ ବାହାରୁଥିବା ଏକ ପ୍ରକାରର 'ସ୍ଲିପ୍ ହରମୋନ୍' ଆମ ନିଦ୍ରାରେ ବାଧା ସୃଷ୍ଟି କଲାବେଳେ ଆଖି ଲାଲ ହୋଇଥାଏ। ଏପରିକି ରାତିରେ ଅଧିକ ସମୟ ସ୍ମାର୍ଟଫୋନ୍ ଦେଖିଲେ, ସକାଳୁ ଆମକୁ ଥକ୍କା ମଧ୍ୟ ଲାଗେ।

● ଅନ୍ତଃରାଷ୍ଟ୍ରୀୟ କ୍ୟାନ୍ସର ରିସର୍ଚ୍ଚ ଏଜେନ୍ସିର ପରୀକ୍ଷଣ ଅନୁସାରେ, ସ୍ମାର୍ଟଫୋନରୁ ବାହାରୁଥିବା ରଶ୍ମି ଆମ ମସ୍ତିଷ୍କ ଓ କାନ ନିମନ୍ତେ କ୍ଷତିକାରକ। ଅଧିକ ସମୟ କଥାବାର୍ତ୍ତା ହେଲେ କିମ୍ବା ଦେଖିଲେ, ପରବର୍ତ୍ତୀ ସମୟରେ ମସ୍ତିଷ୍କ ଓ କାନରେ ଟ୍ୟୁମର୍ ହେବାର ଆଶଙ୍କା ବଢ଼େ। ସ୍ମାର୍ଟଫୋନରେ ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଶ୍ରବଣ ଶକ୍ତି ମଧ୍ୟ କ୍ରମଶଃ ହ୍ରାସ ପାଉଥିବାର ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି।

● ୨୦୧୪ ଜୁଲାଇ ଆମେରିକାର ଡାଲାସରେ ଜଣେ ୧୩ ବର୍ଷୀୟ ବାଳକ ନିଜ ତକିଆତଳେ ମୋବାଇଲ୍ ରଖି ଶୋଇପଡ଼ିଥିଲେ। ହଠାତ୍ କୌଣସି କାରଣରୁ ମୋବାଇଲରେ ନିଆଁ ଲାଗିଯାଇଥିଲା।

● ୨୦୧୫ ମେରେ ସେହିପରି ଏକ ଦୁର୍ଘଟଣା ଆମେରିକାର ଏକ ସହରରେ ଘଟିଥିଲା। ଜଣେ ଯୁବକ ନିଜ ସ୍ମାର୍ଟଫୋନ୍ ଖଟ ଉପରେ ରଖି ଚାର୍ଜିଂ କରୁଥିବାବେଳେ ନିଆଁ ଲାଗି କକ୍ଷଟି ଭସ୍ମୀଭୂତ ହୋଇଗଲା।

# ନକାରାତ୍ମକ ଶକ୍ତିର ସଂହାରକର୍ତ୍ତା



ମହାଭାରତର ଚରିତ୍ର ଭୀମ, ଦୁର୍ଯ୍ୟୋଧନ, ଜରାସନ୍ଧ, ବଳରାମ ଆଦି ପ୍ରଖ୍ୟାତ ଗଦାଧାରୀ ଥିଲେ । ବିଶ୍ୱର ସବୁଠୁ ବଡ଼ ମହାକାବ୍ୟରେ ଗଦା ଯୁଦ୍ଧ ଜାଣିଥିବା ବିଶେଷଜ୍ଞଙ୍କ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରାଯାଇଛି । ବୀର ହନୁମାନ ମଧ୍ୟ ଗଦାଧାରୀ ଥିଲେ। ତେବେ ସେ ନିଜ ଗଦା ସାହାଯ୍ୟରେ ନକାରାତ୍ମକ ଶକ୍ତିର ସଂହାର କରୁଥିଲେ । ଗଦା ଏକ ପ୍ରାଚୀନ ଅସ୍ତ୍ର, ଯାହାକି ତ୍ରେତୟା ଯୁଗ ପୂର୍ବରୁ ମଧ୍ୟ ପ୍ରଚଳିତ ଥିଲା । ଅଗ୍ନି ପୁରାଣରେ ଗଦା ଯୁଦ୍ଧକୁ ଆହତ, ଗୋମୂତ୍ର, ପ୍ରଭୁତ, କମଳାସନ, ଉର୍ଦ୍ଧ୍ୱଗତ୍ର, ନମିତ, ବାମଦକ୍ଷିଣ, ଆବୃତ୍ତ, ପରାବୃଦ୍ଧ, ପଦୋଦ୍ଭୂତ, ଅବପ୍ଲୁତ, ହଂସମାର୍ଗ ବୋଲି କୁହାଯାଇଛି ।

ଗଦାଧାରୀ ହନୁମାନଙ୍କ ଉପାସନା ଦ୍ୱାରା ଜୀବନର ସମସ୍ତ କଷ୍ଟ ଦୂର ହୋଇଥାଏ । ନିଷ୍ଠାର ସହକାରେ ପ୍ରାର୍ଥନା କଲେ ସେ ସନ୍ତୁଷ୍ଟ ହୁଅନ୍ତି । ତାଙ୍କ କୃପାରୁ ମନୁଷ୍ୟ ଜୀବନ ସୁଖମୟ ହୋଇଥାଏ । ଶ୍ରୀରାମ ଭକ୍ତ ହନୁମାନଙ୍କୁ ପ୍ରସନ୍ନ କରିବା ନିମନ୍ତେ ପ୍ରତିଦିନ ହନୁମାନ ଚାଳୀସା ପାଠ କରିବା ଆବଶ୍ୟକ । ବାରମ୍ବାର ସମସ୍ୟା ଏବଂ କାର୍ଯ୍ୟରେ ବାଧା ଉତ୍ପନ୍ନ ହେଉଥିଲେ ପ୍ରତି ମଙ୍ଗଳବାର ହନୁମାନ ମନ୍ଦିର ଯାଇ ଗୁଡ଼ ଏବଂ ଚଣା ପ୍ରସାଦ ଅର୍ପଣ କରିବା ଆବଶ୍ୟକ । ସେହି ପ୍ରସାଦକୁ ମନ୍ଦିରରେ ହିଁ ବାଣ୍ଟିଦେବା ଉଚିତ୍ । ପ୍ରତିଦିନ ସକାଳୁ ନିମ୍ନୋକ୍ତ ମନ୍ତ୍ର ଜପ କରିବା ଉତ୍ତମ ଫଳ ପ୍ରଦାନ କରିଥାଏ ।

ମନ୍ତ୍ର - "ଆଦିଦେବ ନମସ୍ତୁଭ୍ୟଂ ସପ୍ତସପ୍ତେ ଦିବାକର, ତ୍ୱଂ ରେ୍ୱ ତାରୟ ସ୍ୱାର୍ମାନର୍ମାତ୍ସଂସାର ସାଗରାତ୍"

ଏହି ମନ୍ତ୍ର ଜପ କରିବା ଦ୍ୱାରା ବାଧାରୁ ମୁକ୍ତି ମିଳିଥାଏ । ହନୁମାନଙ୍କ ଜୟନ୍ତୀ ଅବସରରେ ତାଙ୍କୁ ସିନ୍ଦୁର ଏବଂ ଚମେଲି ତେଲ ଅର୍ପଣ କରି ପୂଜା କରାଯିବା ଉତ୍ତମ । ହନୁମାନ ଜୟନ୍ତୀ ଦିନ ହନୁମାନ ଚାଳୀସା, ହନୁମତ ଅଷ୍ଟକ ଏବଂ ବଜରଙ୍ଗ ବାଣ ପାଠ କରିବା ଉଚିତ୍ । ସେହି ଦିନ ହନୁମାନଙ୍କ ଆରାଧାନ କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିଥାଏ ଏବଂ ସୁଖ-ଶାନ୍ତି ପ୍ରାପ୍ତ ହୋଇଥାଏ ।

ଓଁ କ୍ରାଂ କ୍ରିଂ କ୍ରୌଂ ସଃ ଭୌମାୟ ନମଃ ମନ୍ତ୍ରର ଏକ ମାଳା ଜପ ମଙ୍ଗଳ କରିବା ଶୁଭ ହୋଇଥାଏ ।

ବ୍ୟବସାୟରେ ବୃଦ୍ଧି ନିମନ୍ତେ ହନୁମାନଙ୍କ ସିନ୍ଦୂର ରଙ୍ଗର ବସ୍ତ୍ର ଅର୍ପଣ କରିବା ଆବଶ୍ୟକ । ହନୁମାନ ଜୟନ୍ତୀରେ ମନ୍ଦିର ଛାତ ଉପରେ ଲାଲ ରଙ୍ଗର ପତାକା ଉଡ଼ାଇବା ଦ୍ୱାରା ଆକସ୍ମିକ ଅଘଟଣରୁ ମୁକ୍ତି ମିଳିଥାଏ । ଶକ୍ତିବୃଦ୍ଧି ନିମନ୍ତେ ହନୁମାନ ଚାଳୀଶା, ସୁନ୍ଦରାକାଣ୍ଡ, ରାମାୟଣ ଆଦି ପାଠ କରିବା ଆବଶ୍ୟକ ।

# ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ବିଧାନସଭାରେ ପଣ୍ଡିତ ନୀଳକଣ୍ଠଙ୍କୁ ଶ୍ରଦ୍ଧାଞ୍ଜଳି




**ଭୁବନେଶ୍ୱର,୫।୮ (ମହାଭାରତ):** ପ୍ରଚଣ୍ଡ ପ୍ରତିଭାଦୀପ୍ତ ଜ୍ଞାନପିପାସୁ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଛାତ୍ରଜୀବନରୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ। ସେ ତତ୍‌କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ। ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ନୀଳକଣ୍ଠ ସକ୍ରିୟ ଯୋଗଦାନ କରିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହିତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ। ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ। ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତ୍ତି ଚିର ଉଜ୍ଜ୍ୱଳ ରହିବ। ପଣ୍ଡିତ ନୀଳକଣ୍ଠ ଦାସଙ୍କର ୧୪୦ତମ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବିଧାୟକ ଗଣ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ବିଧାନସଭାର ସଚିବ ଦାଶରଥି ଶତପଥୀ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ପ୍ରଶାସନିକ ଅଧିକାରୀଙ୍କୁ ଓଡ଼ିଆ ପ୍ରଶିକ୍ଷଣ

**ଭୁବନେଶ୍ୱର,୫।୮ (ମହାଭାରତ):** ଓଡ଼ିଶାରେ ଆଗକୁ ସବୁ ସରକାରୀ ନଥି ଦେଖିବେ ଓଡ଼ିଆରେ। ଓଡ଼ିଶାରେ ଓଡ଼ିଆ ଭାଷାରେ ଶାସନ ହେବା ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିର୍ଦ୍ଦେଶ ଦେବା ପରେ ଏବେ ସବୁ ବିଭାଗ ତତ୍ପର। ଲୋକସେବା ଭବନ ଠାରୁ ଆରମ୍ଭ କରି ପୋଲିସ ଭବନ ଯାଏଁ ସବୁ ସରକାରୀ ଅଧିକାରୀଙ୍କ ପାଇଁ ଓଡ଼ିଆ ଭାଷାରେ କାର୍ଯ୍ୟ କରିବା ବାଧ୍ୟତାମୂଳକ। ଯେଉଁଥିପାଇଁ ଏବେ ଅଫିସରଙ୍କୁ ଓଡ଼ିଆ ଭାଷାରେ ପ୍ରଶିକ୍ଷଣ ଦେବାକୁ ପ୍ରୟାସ ଆରମ୍ଭ କରିଛନ୍ତି ସରକାର।

ସରକାର କର୍ମଚାରୀ ଓ ବାବୁମାନେ ଓଡ଼ିଆ ପାଠ ପଢୁଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ଆରମ୍ଭ ହୋଇଛି ପ୍ରଶିକ୍ଷଣ। ସଂସ୍କୃତି ଭବନରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଯଥା ଏଏସ୍‌ଓ, ଏସ୍‌ଓ ଓ ଡେସ୍କ ଅଫିସରଙ୍କଠାରୁ ଅଣ୍ଡର ସେକ୍ରେଟାରୀ ପର୍ଯ୍ୟନ୍ତ ଅଧିକାରୀମାନେ ସାମିଲ



ହୋଇଛନ୍ତି।

ପ୍ରଶିକ୍ଷଣ ୫ଦିନ ଧରି ଚାଲିବ। ବିଭିନ୍ନ ବିଶ୍ୱବିଦ୍ୟାଳୟ ସମେତ ପ୍ରତିଷ୍ଠିତ ଭାଷାବିତ୍ ଓ ସାହିତ୍ୟିକମାନେ ପ୍ରଶିକ୍ଷଣ ଦେଉଛନ୍ତି। ବୃତ୍ତିଗତ ଭାଷା ଓ ଶବ୍ଦକୋଷକୁ କିପରି ସୁବିନିଯୋଗ କରାଯିବ, ସେନେଇ ଟ୍ରେନିଂ ଦିଆଯାଉଛି। ସକାଳେ ପୋଥିଗତ ବିଦ୍ୟା ପଢ଼ା ଓ ଅପରାହ୍ନରେ ତା'ର ବ୍ୟାବହାରିକ ଦିଗ ଶିଖା ହେଉଛି। ନିର୍ବାଚିତ ପ୍ରତିନିଧିମାନଙ୍କୁ ଓଡ଼ିଆ ଶବ୍ଦକୋଷ ଦିଆଯାଇଛି। ପରବର୍ତ୍ତୀ ସମୟରେ ଅଧିକାରୀଙ୍କ ପାଇଁ ଉପଲବ୍ଧ କରିବାକୁ ସରକାର ଚେଷ୍ଟା କରୁଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

୨୪ବର୍ଷ ଧରି ଅଧିକାଂଶ ସରକାରୀ କାମ ଇଂରାଜୀରେ ହେଉଥିଲା। ଯେଉଁଥିପାଇଁ ପ୍ରଶାସନିକ ଅଧିକାରୀ ମାନେ ଓଡ଼ିଆ ଶବ୍ଦକୋଷକୁ ମନରୁ ଏକପ୍ରକାର ପାଶୋରି ସାରିଥିଲେ। ଯାହାର ଜଳନ୍ତ ଉଦାହରଣ ପ୍ରଶିକ୍ଷଣ ଶିବିରରେ ଦେଖିବାକୁ ମିଳିଥିଲା। କେଉଁଠି କେଉଁ ଶବ୍ଦ ବ୍ୟବହାର କରାଯିବ ସେନେଇ ପ୍ରଶାସନିକ ଅଧିକାରୀଙ୍କ ଦ୍ୱନ୍ଦ୍ୱ ଦୂର କରୁଥିଲେ ଭାଷାବିତ। ଏବେ ଓଡ଼ିଆ ଭାଷା ମନେ ନପଡିଲେ ବହି ଦେଖି ନଥି ଲେଖିବାକୁ ପରାମର୍ଶ ଦିଆଯାଇଛି। ଓଡ଼ିଆ ଭାଷାରେ ଶାସନ ପାଇଁ ନିର୍ଦ୍ଦେଶ ଆସିବା ମାତ୍ରେ ଅଧିକାରୀଙ୍କ ମଧ୍ୟରେ ଖୋଜାପଡିଛି ପ୍ରଶାସନିକ ଓଡ଼ିଆ ଶବ୍ଦକୋଷ। ଚାହିଦା ଏତେ ବଢ଼ିଯାଇଛି ଯେ, ଦୋକାନରେ ପ୍ରଶାସନିକ ଶବ୍ଦକୋଷର ସଙ୍କଟ ଦେଖାଦେଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଅନୁଶାସନ ସଚିବ, ଉପସଚିବ, ଉପବିଭାଗ ଅଧିକାରୀଙ୍କୁ ପ୍ରଶାସନିକ ଓଡ଼ିଆ ଶବ୍ଦକୋଷର ପ୍ରଶିକ୍ଷଣ ଦିଆଯାଉଛି। ଆଗକୁ ଜିଲ୍ଲାସ୍ତରରେ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିବ ବିଭାଗ। ଆବଶ୍ୟକ ପଡିଲେ ଓଡ଼ିଆ ଅଭ୍ୟାସ ଫେରାଇ ଆଣିବାକୁ ଆଇଏଏସ ଓ ଆଇପିଏସ ଅଧିକାରୀଙ୍କ ପାଇଁ ମଧ୍ୟ ପ୍ରଶିକ୍ଷଣ ଶିବିର କରିପାରନ୍ତି ସରକାର।

# କେନ୍ଦୁପତ୍ର ଉପରୁ ଜିଏସଟି ଛାଡ଼ ପାଇଁ କେନ୍ଦ୍ର ପାଖରେ ଦାବି ରଖନ୍ତୁ ସରକାର

**ଭୁବନେଶ୍ୱର,୫।୮ (ମହାଭାରତ):** ଆଜି ଶଙ୍ଖ ଭବନ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ିର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ପୂର୍ବତନ କେନ୍ଦୁପତ୍ର ୱେଲଫେୟାର ବୋର୍ଡ଼ର ଉପଦେଷ୍ଟା ସଞ୍ଜିତ ମହାନ୍ତି କେନ୍ଦୁପତ୍ର ଉପରୁ ୧୮% ଜିଏସଟିକୁ ଉଚ୍ଛେଦ କରିବା ଦାବିକୁ କେନ୍ଦ୍ର ସରକାରଙ୍କର ଟାଳଟୁଳ ନୀତିକୁ ଭର୍ତ୍ସନା କରିଥିଲେ। ସେ କହିଥିଲେ, କେନ୍ଦୁପତ୍ର ଉପରେ ୧୮% ଜିଏସଟି ଲାଗୁ କରିବା ନିଷ୍ପତ୍ତିକୁ ବିଜୁ ଜନତା ଦଳ ଓ ନବୀନ ସରକାର ପ୍ରଥମ ଦିନରୁ ବିରୋଧ କରିଆସୁଛନ୍ତି। ରାଜ୍ୟର ପ୍ରାୟ ପନ୍ଦର ଲକ୍ଷ୍ୟ କେନ୍ଦୁପତ୍ର ତୋଳାଳି, ଯାହା ମଧ୍ୟରୁ ନବେ ପ୍ରତିଶତ ମହିଳା ନିଜର ଜୀବନ ଜୀବିକା ପାଇଁ ଏହା ଉପରେ ନିର୍ଭର କରିଥାନ୍ତି। ନିକଟରେ କେନ୍ଦ୍ର ବଜେଟରେ ବିଭିନ୍ନ ଜିନିଷ ଉପରେ ଜିଏସଟି ଦର ହ୍ରାସ କରିଥିବା ବେଳେ କେନ୍ଦୁପତ୍ର ଉପରେ ପୂର୍ବପରି ୧୮% ଦର ଅପରିବର୍ତ୍ତିତ ରହିଛି।ବିଜେପି ଏହାର ୨୦୧୯ ନିର୍ବାଚନ ଇସ୍ତାହାରରେ କ୍ଷମତାକୁ ଆସିଲେ କେନ୍ଦୁପତ୍ର ଉପରୁ ଜିଏସଟିକୁ ସମ୍ପୂର୍ଣ୍ଣରୂପେ ଉଠାଇ ଦେବ



ବୋଲି ପ୍ରତିଶ୍ରୁତି ଦେଇଥିଲା। ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଓଡ଼ିଶାର ତିନୋଟି ନିର୍ବାଚନୀ ସଭାରେ ଏହି ପ୍ରତିଶ୍ରୁତିକୁ ଦୃଢ଼ ଭାବେ ଉପସ୍ଥାପନ କରିଥିଲେ। କିନ୍ତୁ, ନିର୍ବାଚନରେ ଯଦିଓ ବିଜେପି କ୍ଷମତା ହାସଲ କରିଥିଲା, ଏହି ପ୍ରତିଶ୍ରୁତି ପ୍ରତି ଦୃଷ୍ଟି ଦେଇନଥିଲା। ପ୍ରତିଶ୍ରୁତି ଦେଇ ଭୋଟ୍ ହାସଲ କରିବା ପରେ ପ୍ରତିଶ୍ରୁତି ପାଳନ ନ କରିବା ବିଜେପିର ପୁରୁଣା ଅଭ୍ୟାସ ବୋଲି ଶ୍ରୀ ମହାନ୍ତି କହିଥିଲେ।

ସେ ଆହୁରି କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁପତ୍ର ଉପରୁ ଜିଏସଟି ଉଚ୍ଛେଦ କରିବା ପାଇଁ ଚାରି ଥର ପତ୍ର ଲେଖି ରାଜ୍ୟ ସରକାରଙ୍କ ତରଫରୁ ଦାବି ଜଣାଇଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟରେ କାର୍ଯ୍ୟରତ ପ୍ରାୟ ପନ୍ଦର ଲକ୍ଷ୍ୟ କେନ୍ଦୁପତ୍ର ତୋଳାଳିଙ୍କ ସାମାଜିକ ସୁରକ୍ଷା ପାଇଁ ନବୀନ ସରକାର ଅନେକ ପଦକ୍ଷେପ ନେଇଥିଲେ। କେନ୍ଦୁପତ୍ର ତୋଳାଳିଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ଦୁଇ ଲକ୍ଷ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ସେହିପରି କେନ୍ଦୁପତ୍ର ତୋଳାଳିଙ୍କ ଝିଅ ବାହାଘର ପାଇଁ ପଚିଶ ହଜାର ଟଙ୍କା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। କେନ୍ଦୁପତ୍ର ଉପରୁ ଜିଏସଟି ପ୍ରତ୍ୟାହାର ଦାବିକୁ କେନ୍ଦ୍ର ସରକାର କର୍ଣ୍ଣପାତ ନ କରିବାରୁ, ରାଜ୍ୟ ସରକାରଙ୍କ ନିଜ ଅଂଶ (୯%) ପରିମାଣକୁ କେନ୍ଦୁପତ୍ର ସଂସ୍ଥାକୁ ଫେରାଇ ଦେବାର ନିଷ୍ପତ୍ତି ନେଇଥିଲେ। ରାଜ୍ୟର ପନ୍ଦର ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଜୁ ଜନତା ଦଳ କେନ୍ଦୁପତ୍ର ଉପରୁ ୧୮% ଜିଏସଟିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଆମେ ଦାବି କରୁଛୁ। ସେପରି ରାଜ୍ୟର ବିଜେପି ସରକାର ମଧ୍ୟ ଏହି ଦାବିକୁ କେନ୍ଦ୍ର ନିକଟରେ ଉପସ୍ଥାପନ କରନ୍ତୁ। ଉଲ୍ଲେଖଯୋଗ୍ୟ, ସୁନା ହୀରା ଭଳି ଦାମୀ ଜିନିଷ ଉପରେ ମାତ୍ର ତିନି ପ୍ରତିଶତ ଜିଏସଟି ରହିଥିବା ବେଳେ ବିମାନ ଯାତ୍ରା ଉପରେ ୫ ପ୍ରତିଶତ ଜିଏସଟି ରଖାଯାଇଛି, ଅପର ପକ୍ଷରେ କେନ୍ଦୁପତ୍ର ଉପରେ ୧୮% ଜିଏସଟି ରହିଛି ଯାହା ଆଦୌ ଯୁକ୍ତିଯୁକ୍ତ ନୁହେଁ।

# ଜିଲ୍ଲା ଓ ବ୍ଲକ ସ୍ତରକୁ ଯାଇ ଅଭିଯୋଗ ଶୁଣିବେ ମନ୍ତ୍ରୀ

**ଭୁବନେଶ୍ୱର,୫।୮ (ମହାଭାରତ):** ଖୁବ୍‌ଶୀଘ୍ର ଜିଲ୍ଲା ଓ ବ୍ଲକ ସ୍ତରକୁ ଯାଇ ଅଭିଯୋଗ ଶୁଣିବେ ମନ୍ତ୍ରୀ । ଶୁଣାଣି ନେଇ ସୂଚନା ଦେଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ୧୭୫୦ ପଞ୍ଜୀକରଣ ହୋଇଛି। ସମସ୍ତଙ୍କୁ ତ୍ୱରିତ ବେଗରେ ନ୍ୟାୟ ଦେବା ସରକାରଙ୍କ ଉଦ୍ଦେଶ୍ୟ ବୋଲି କହିଛନ୍ତି ପ୍ରଭାତୀ ପରିଡା। ସେ ଆହୁରି ମଧ୍ୟ କହିଛନ୍ତି ଯେ ସବୁ ସୋମବାର କେଉଁଠି ନା କେଉଁଠି ମନ୍ତ୍ରୀ ରହି ଅଭିଯୋଗ ଶୁଣିବେ। ୩ ମାସରେ ଥରେ ଆସୁଥିବା ଅଭିଯୋଗ ଓ ସମାଧାନର ସମୀକ୍ଷା ହେବ। ବ୍ଲକ ସ୍ତରର ସମସ୍ୟାକୁ ୭ ଦିନ ମଧ୍ୟରେ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଲୋକପ୍ରିୟତା ହାସଲ କରିଥିବା ଶ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ଅଭିଯୋଗ ପ୍ରକୋଷ୍ଠରେ ଶହ ଶହ ଲୋକଙ୍କ ଠାରୁ ସେମାନଙ୍କ ସମସ୍ୟା ଶୁଣିଥିଲେ।

# ପୁରୁଣା ମଦ ନୀତିରେ ହେବ ପରିବର୍ତ୍ତନ

**ଭୁବନେଶ୍ୱର,୫।୮ (ମହାଭାରତ):** ଅଗଷ୍ଟ ୩୧ ପରେ ଆସିବ ନୂଆ ମଦ ନୀତି। ଏହାର ବୈଧତା ରହିବ ସାତ ରୁ ଆଠ ମାସ। କିନ୍ତୁ ଆଗାମୀ ବର୍ଷରେ ଯେଉଁ ମଦ ନୀତି ଆସିବ, ସେଥିରେ ବ୍ୟାପକ ପରିବର୍ତ୍ତନ ଆଣିବେ ମୋହନ ସରକାର। ବିଶେଷକରି, ସେଥିରେ ଚୋରା ମଦ କାରବାରକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ବ୍ୟବସ୍ଥା କରାଯିବ। କୋଚିଆ। ସେଲ ବନ୍ଦ କରିବା ପାଇଁ କଠୋର ହେବେ ସରକାର। ସେଥିପାଇଁ ସରକାର ପଦକ୍ଷେପ ନେବା ପାଇଁ ଯାଉଛନ୍ତି ବୋଲି କହିଛନ୍ତି ଅବକାରୀ ମନ୍ତ୍ରୀ।

ରାଜ୍ୟରେ ପ୍ରଥମ ଥର ସରକାର କରିବା ପରେ ନିଜସ୍ୱ ମଦନୀତି ଆଣିବାକୁ ଯାଉଛନ୍ତି ମୋହନ ସରକାର। ଅଗଷ୍ଟ ୩୧ତାରିଖ ପର୍ଯ୍ୟନ୍ତ ପୁରୁଣା ନୀତିରେ ପ୍ରଚଳିତ ହାରରେ ବିଭିନ୍ନ ଫି ସହ ଗାଇଡଲାଇନ କାର୍ଯ୍ୟକରିବ। ଏହା ପରେ ବିଜେପି ସରକାର ଆଣିବ ନୂଆ ମଦ ନୀତି। ଗ୍ରାମାଞ୍ଚଳରେ ନୂଆ ମଦ ଦୋକାନ ଖୋଲିବା ଉପରେ କଟକଣା ଲାଗିପାରେ। ପର୍ଯ୍ୟାୟ କ୍ରମେ ମଦ ଦୋକାନ ହ୍ରାସ ପାଇଁ ନିଷ୍ପତି ନେଇପାରନ୍ତି ସରକାର। ଲଟେରୀ ମାଧ୍ୟମରେ ଲାଇସେନ୍ସରେ ହୋଇପାରେ ବ୍ୟାପକ ପରିବର୍ତ୍ତନ। ଗ୍ରାମାଞ୍ଚଳରେ ଅବାଧ ମଦ ବିକ୍ରିରେ ଲାଗିପାରେ କଟକଣା।

କିଛି ଦିନ ତଳେ, ରାଜ୍ୟରେ ମଦ ବିକ୍ରି ବନ୍ଦ କରିବା ପାଇଁ ରାଜ୍ୟ ସରକାର ବିଚାର କରିବା କଥା କହିଥିଲେ ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀଙ୍କ ଏହି କଥା ଚର୍ଚ୍ଚାର ବିଷୟ ହୋଇଥିଲା।

# ଚେନ ଲୁଟ୍ ଘଟଣାରେ ଦୁଇ ଗିରଫ



**ଭୁବନେଶ୍ୱର,୫।୮ (ମହାଭାରତ):** ଜଣେ ଯୁବତୀଙ୍କ ବେକରୁ ସୁନାଚେନ ଲୁଟ୍ ଘଟଣାରେ ସହୀଦନଗର ପୋଲିସ ୨ ଜଣ ଲୁଟେରାଙ୍କୁ ଗିରଫ କରିଛି। ଲୁଟେରା ୨ ଜଣ ହେଲେ ଶାନ୍ତିପଲ୍ଲୀ ବସ୍ତିର କିଶାନ ପ୍ରଧାନ ଓ ପ୍ରତାପ ପଟ୍ଟନାୟକ।ରବିବାର ଭୁବନେଶ୍ୱରକୁ ଆସିଥିବା ବାଲେଶ୍ୱରର ଯୁବତୀ କୃଷ୍ଣପ୍ରିୟା ନାୟକ ଆଚାର୍ଯ୍ୟ ବିହାରରେ ଦହିବରା ଖାଉଥିଲେ। ଏହି ସମୟରେ ତାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ ଝାମ୍ପି ନେଇଯାଇଥିଲେ। ସେ ସହିଦ ନଗର ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା । ସିସିଟିଭି ମାଧ୍ୟମରେ ଦୁଇ ଜଣ ଲୁଟେରାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା ପୋଲିସ। ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଦୁଇ ଜଣଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଛି। ୨୪ ଘଣ୍ଟା ମଧ୍ୟରେ ସୁନା ଚେନ ଫେରିପାଇଥିବାରୁ କମିଶନରେଟ ପୋଲିସକୁ କୃଷ୍ଣପ୍ରିୟା ନାୟକ ଧନ୍ୟବାଦ୍ ଦେଇଛନ୍ତି।

### ନିର୍ବାଚନୀ ଅନିୟମିତତା ମାମଲା

# ୩ ବିଧାୟକଙ୍କୁ ହାଇକୋର୍ଟ ନୋଟିସ୍

**ଭୁବନେଶ୍ୱର,୫।୮ (ମହାଭାରତ):** ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ହାଇକୋର୍ଟଙ୍କ ନୋଟିସ। ଆସନ୍ତା ୨୩ ସେପ୍ଟେମ୍ବର ଉତ୍ତର ସହ ହାଇକୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ। ଟଙ୍କଧର ସତ୍ୟପାଠରେ ଅପରାଧିକ ମାମଲା ଲୁଚାଇଥିବା ଅଭିଯୋଗ ଆଣିଥିଲେ ବିଜେଡି ପ୍ରାର୍ଥି ଦୀପାଳି ଦାସ। ସେହିଭଳି ଅନ୍ୟ ଦୁଇଟି ନିର୍ବାଚନୀ ଅନିୟମିତତା ମାମଲାରେ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର ଓ ବ୍ୟୋମକେଶ ରାୟଙ୍କୁ ମଧ୍ୟ ନୋଟିସ କରିଛନ୍ତି ହାଇକୋର୍ଟ।

ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ଫଳାଫଳକୁ ଚାଲେଞ୍ଜ କରି ହାଇକୋର୍ଟ ଯାଇଥିଲେ ବିଜେଡିର ପୂର୍ବତନ ବିଧାୟିକା ଦୀପାଳି ଦାସ । ଝାରସୁଗୁଡ଼ା ଆସନରୁ ବିଧାୟକ



ଭାବେ ନିର୍ବାଚିତ ହୋଇଥିବା ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା ପାଇଁ ଦୀପାଳି ଏହି ମାମଲା ରୁଜୁ କରିଥିଲେ।

ଟଙ୍କଧର ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ଓ ଏଥିରେ ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସଂପର୍କିତ ସଂପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରାଯାଇ ନାହିଁ ବୋଲି ଆବେଦନରେ ଦର୍ଶାଯାଇଛି । ମିଥ୍ୟା ସତ୍ୟପାଠ ଦେଇଥିବାରୁ ଜନ ପ୍ରତିନିଧି ଆଇନ ଅନୁସାରେ ଟଙ୍କଧର ତ୍ରିପାଠୀଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି । ସେହିଭଳି ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର ଓ ବ୍ୟୋମକେଶ ରାୟଙ୍କ ନାଁରେ ବି ନିର୍ବାଚନୀ ଅନିୟମିତତା ନେଇ ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ଆଧାରରେ ନୋଟିସ କରିଛନ୍ତି ହାଇକୋର୍ଟ।

# କଂଗ୍ରେସର ଭ୍ରଷ୍ଟାଚାର ଏବଂ ଗୁଣ୍ଡାରାଜରୁ ମୁକ୍ତ ହୋଇଛି ହରିୟାଣା : ଧର୍ମେନ୍ଦ୍ର

**ଭୁବନେଶ୍ୱର,୫।୮ (ମହାଭାରତ):** ବିଜେପି ଶାସନରେ ହରିୟାଣା କଂଗ୍ରେସର ଭ୍ରଷ୍ଟାଚାର, ଗୁଣ୍ଡାରାଜ ଓ ଅରାଜକତାରୁ ମୁକ୍ତ ହୋଇଛି । ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ନେତୃତ୍ୱରେ ରାଜ୍ୟର ବିକାଶରେ ନୂଆ ଧାରା ସୃଷ୍ଟି ହୋଇଛି ବୋଲି ରବିବାର କୁରୁକ୍ଷେତ୍ର, ହରିୟାଣାରେ ଆୟୋଜିତ "ଆମର ହରିୟାଣା – ନନ୍ ଷ୍ଟପ୍ ହରିୟାଣା" କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହରିୟାଣାର ଡବଲ ଇଞ୍ଜିନ ସରକାର ରାଜ୍ୟରେ ସୁଶାସନ ସ୍ଥାପନ କରି ବିକାଶର ନୂଆ କୀର୍ତ୍ତିମାନ ପ୍ରତିଷ୍ଠା କରିଛନ୍ତି । ଆଜିର ଦିନରେ ହରିୟାଣା, କଂଗ୍ରେସର ଭ୍ରଷ୍ଟାଚାର, ଲୁଟ୍, ଦୁର୍ନୀତି, ଅରାଜକତା ଏବଂ ଗୁଣ୍ଡାରାଜରୁ ମୁକ୍ତ ହୋଇ "ନନ୍ ଷ୍ଟପ୍" ଭାବରେ ବିକାଶ କରୁଛି । ନାୟବ ସିଂହ ସୈନୀଙ୍କ ସରକାରରେ ଗରିବ, କୃଷି, ମହିଳା, ଯୁବବର୍ଗ, ପଛୁଆ ବର୍ଗଙ୍କ କଲ୍ୟାଣ ଓ ବିକାଶରେ ହରିୟାଣା ଏକ ନୂଆ ଯୁଗ ଦେଖିଛି । ଆଗାମୀ ବିଧାନସଭା ନିର୍ବାଚନରେ ବିଜେପିର ହାଟ୍ରିକ୍ ବିଜୟ ହେବ । କୁରୁକ୍ଷେତ୍ରର ଜନସଭାରେ ଲୋକଙ୍କ ଉତ୍ସାହ ଦର୍ଶାଉଛି ଯେ ହରିୟାଣାର ଜନସାଧାରଣ କଂଗ୍ରେସର କୁଶାସନକୁ ପ୍ରତ୍ୟାଖ୍ୟାନ କରି ତୃତୀୟ ଥର ପ୍ରଚଣ୍ଡ ବହୁମତ ସହ ବିଜେପିର ବିକାଶମୁଖୀ ଡବଲ ଇଞ୍ଜିନ ସରକାର କରିବା ପାଇଁ ଯାଉଛନ୍ତି ।

ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଗୁରୁକୁଳ କୁରୁକ୍ଷେତ୍ର ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଥିଲେ । ଗୁରୁକୁଳର ପୂରା ଟିମକୁ ଶୁଭକାମନା ଜଣାଇବା ସହ ସେ କହିଛନ୍ତି, ଆଧୁନିକ ଶିକ୍ଷା ସହ ଭାରତୀୟତା ଏବଂ ବୈଦିକ ସଂସ୍କାରର ସଙ୍ଗମ ହେଉଛି କୁରୁକ୍ଷେତ୍ରର ଗୁରୁକୁଳ । ଏହା ରାଷ୍ଟ୍ରୀୟ ଶିକ୍ଷା ନୀତିର ପରିକଳ୍ପନା ମଧ୍ୟ । ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ଯୁବବର୍ଗଙ୍କ ମଧ୍ୟରେ ଯୁକ୍ତିସଙ୍ଗତ ବିଚାରଧାରା, ବୈଜ୍ଞାନିକ ସ୍ୱଭାବ ଏବଂ ଉତ୍ତମ ସଂସ୍କାର ପ୍ରଦାନ କରିବା ଦିଶାରେ ଗୁରୁକୁଳ ଉଲ୍ଲେଖନୀୟ ଉଦ୍ୟମ ଜାରି ରଖିଛି ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ, ଦଳ ପକ୍ଷରୁ ଆୟୋଜିତ "ଆମର ହରିୟାଣା – ନନ୍ ଷ୍ଟପ୍ ହରିୟାଣା" କାର୍ଯ୍ୟକ୍ରମରେ ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀ, ପ୍ରଦେଶ ଅଧ୍ୟକ୍ଷ ମୋହନଲାଲ ବାଦୋଲି ଏବଂ ହରିୟାଣାର ବରିଷ୍ଠ ନେତାଗଣ ଯୋଗଦେଇଥିଲେ ।

# ବିଧାନସଭା ପରିସରରେ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯାଉ

**ଭୁବନେଶ୍ୱର,୫।୮ (ମହାଭାରତ)** ଓଡିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ



ଶତପଥୀଙ୍କର ୧୮ ତମ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତି ବିଧାନସଭା ପ୍ରାଙ୍ଗଣରେ ସ୍ଥାପନା କରାଯିବା ଉଚିତ ବୋଲି କହିଥିଲେ।

ସେହିପରି ଉତ୍କଳ ସମ୍ମିଳନୀର ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ବକ୍ତା ପ୍ରବୀର ମହାନ୍ତି ପ୍ରମୁଖ ଯୋଗଦେଇ ବରପୁତ୍ରୀଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀର ଶାଖାର ସମ୍ପାଦକ ଅଧିବକ୍ତା ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ବହୁ ସଦସ୍ୟା ସଦସ୍ୟ କାର୍ଯ୍ୟକ୍ରମରେ ଭାଗନେଇ ବରପୁତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଟିଆଇଏଲ୍ ଲିମିଟେଡ୍ ପକ୍ଷରୁ ସ୍ନୋର୍‌କେଲ୍ ୟୁରୋପ ଲିମିଟେଡ୍ ସହ ବୁଝାମଣା ସ୍ୱାକ୍ଷରିତ

**ଭୁବନେଶ୍ୱର,୫।୮ (ମହାଭାରତ):** ଉତର ଓ ପୂର୍ବାଚଂଳ ଭାରତ, ଆଣ୍ଡାମାନ ଓ ନିକୋବର ଦ୍ୱୀପ ଓ ଭୁଟାନର ଅଫିସିଆଲ୍ ସେଲ୍‌ସ ଓ ସର୍ଭିସ୍ ସହଯୋଗୀ ହେବା ପାଇଁ ଟିଆଇଏଲ୍ ଲିମିଟେଡ୍ ପକ୍ଷରୁ ସ୍ନୋର୍‌କେଲ୍ ଲିମିଟେଡ୍ ୟୁରୋପ ସହ ସହଯୋଗିତା ବୁଝାମଣା ସ୍ୱାକ୍ଷର କରାଯାଇଛି। ଏହି ସହଯୋଗିତାର ଅଂଶ ସ୍ୱରୂପ ସ୍ନୋରକେଲ୍ ପକ୍ଷରୁ ଜ୍ଞାନ ଓ ସହଯୋଗ ସହ ବ୍ୟାପକ ଉତ୍ପାଦ ବର୍ଗମାଳା ପ୍ରଦାନ କରାଯିବ ଏବଂ ଟିଆଇଏଲ୍ ଏହାର ଭାରତ, ନେପାଳ ଓ ଭୁଟାନରେ ଥିବା ନେଟ୍‌ୱର୍କକୁ ବ୍ୟବହାର କରି ଉଚ୍ଚ ମାନର ଏରିଏଲ୍ ୱାର୍କ ପ୍ଲାଟଫର୍ମ, ଟେଲି ହାଣ୍ଡଲର ଓ ମାଟେରିଆଲ୍ ଲିଫ୍ଟ ପ୍ରଦାନ କରିବ। ମାଲ ପରିଚାଳନା, ଖଣି, ନିର୍ମାଣ ଓ ପ୍ରତିରକ୍ଷା କ୍ଷେତ୍ର ପାଇଁ ସ୍ୱତନ୍ତ୍ର ସମାଧାନ ପ୍ରଦାନ କରିବାର ଏକ ଅଗ୍ରଣୀ ସଂସ୍ଥା ହେଉଛି ଟିଆଇଏଲ୍। ଟିଆଇଏଲ୍ ପ୍ରତିରକ୍ଷା କ୍ଷେତ୍ର ପାଇଁ ପ୍ରଦାନ କରୁଥିବା ସମାଧାନକୁ ଭାରତର ତିନି ସେନା ବ୍ୟବହାର କରୁଛନ୍ତି। ଏହା ରିଚ୍ ଷ୍ଟାକର୍ସ, ରଫ୍ ଟିରେନ୍ କ୍ରେନ୍, ଟ୍ରକ୍ ମାଉଂଟେଡ୍ କ୍ରେନ୍, ପିକ୍ ଆଣ୍ଡ କ୍ୟାରି କ୍ରେନ୍‌ର ରିଟେଲିଂ ମଧ୍ୟ କରୁଛି। ଟିଆଇଏଲ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁନିଲ କୁମାର ଚର୍ତୁବେଦୀ ଓ ସ୍ନୋରକେଲ୍ ୟୁରୋପ ଲିମିଟେଡ୍ର ବିଜନେସ୍ ଡେଭେଲପ୍‌ମେଂଟ୍ ଡାଇରେକ୍ଟର ଶ୍ରୀ କ୍ରେଗ୍ ରେଭେଲ୍ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଭାରତରେ ଉପକରଣର ଚାହିଦା ବୃଦ୍ଧି ପାଉଥିବା ବେଳେ ବ୍ୟପକ ଉତ୍ପାଦ ପ୍ରଦାନ କରିବାରେ ଟିଆଇଏଲ୍‌ର ଏହି ଉଦ୍ୟମ ଏକ ଅନ୍ୟ ଏକ ମାଇଲଖୁଂଟ ସାବ୍ୟସ୍ତ ହୋଇଛି। ସ୍ନୋରକେଲ ୟୁରୋପ ଲିମିଟେଡର ମଧ୍ୟପ୍ରାଚ୍ୟ ଏବଂ ଭାରତର ବ୍ୟବସାୟ ବିକାଶ ନିର୍ଦ୍ଦେଶକ କ୍ରେଗ ରେଭେଲ କହିଛନ୍ତି ଯେ, "ଭାରତ, ନେପାଳ ଏବଂ ଭୁଟାନରେ ଟିଆଇଏଲ୍ ଲିମିଟେଡକୁ ଆମର ବିକ୍ରୟ ଏବଂ ସେବା ଅଂଶୀଦାର ଭାବରେ ପାଇ ଆମେ ଉତ୍ସାହିତ। ଏଡବ୍ଲ୍ୟୁପି କ୍ଷେତ୍ରରେ ବ୍ରାଣ୍ଡର ଐତିହ୍ୟ ଏବଂ ଏହାର ଅତ୍ୟନ୍ତ ଅଭିଜ୍ଞ ଦଳ ଏହାକୁ ଏହି ଅଂଚଳରେ ସ୍ନୋରକେଲ୍ ପାଇଁ ଆଦର୍ଶ ଅଂଶୀଦାର କରିବେ। ଆମେ ଟିଆଇଏଲ୍ ଅଂଚଳରେ ନୂତନ ଗ୍ରାହକଙ୍କ ନିକଟରେ ପହଂଚିବା ଏବଂ ସେମାନଙ୍କ ନିକଟରେ ସେହି ଶକ୍ତିଶାଳୀ ଉତ୍ପାଦ ପହଂଚାଇବାକୁ ଚାହୁଁଛି ଯାହା ଉଭୟ ସ୍ନୋରକେଲ୍ ଏବଂ ଟିଆଇଏଲ୍ ପାଇଁ ପରିଚିତ।"

# ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ବୁକିଂ ପୁଣି ଖୋଲିଲା

**ଭୁବନେଶ୍ୱର,୫।୮ (ମହାଭାରତ):** ଟୟୋଟା କିର୍ଲୋସ୍କର ମୋଟର(ଟିକେଏମ) ଇନୋଭା ହାଇକ୍ରୋସ୍ ଜେଡ୍‌ଏକ୍ସ ଏବଂ ଜେଡ୍‌ଏକ୍ସ(ଓ) ମଡେଲଗୁଡିକ ପାଇଁ ବୁକିଂ ପୁନଃ ଖୋଲିବାକୁ ଘୋଷଣା କରିଛି। ଯାହା ୧ ଅଗଷ୍ଟ ୨୦୨୪ରୁ ଆରମ୍ଭ ହେବ। ନଭେମ୍ବର ୨୦୨୨ଠାରୁ ଇନୋଭା ହାଇକ୍ରୋସ୍‌ର ବଜାର ପ୍ରବେଶ ସମୟରୁ ଗ୍ରାହକଙ୍କର ବିପୁଳ ସକାରାତ୍ମକ ଚାହିଦା ଦେଖିବାକୁ ମିଳିଛି। ଏହାର ଏସୟୁଭିର ପ୍ରଶସ୍ତତା ସହିତ ଏକ ଏମପିଭିର ଅନୁପାତ ଅଧିକ ରହିଛି। ଉଭୟ ସ୍ୱୟଂ ଚାର୍ଜିଂ ଶକ୍ତିଶାଳୀ ହାଇବ୍ରିଡ ଇଲେକ୍ଟ୍ରିକ ଭାରିଆଂଟ(ଏସଏଚଇଭି)ଏବଂ ପେଟ୍ରୋଲ୍ ଭାରିଆଂଟରେ ଉପଲବ୍ଧ ବହୁମୁଖୀ ଇନୋଭା ହାଇକ୍ରୋସ୍ ଏହାର ସୌନ୍ଦର୍ଯ୍ୟ,ଉନ୍ନତ ଜ୍ଞାନକୌଶଳ, ଆରାମ, ସୁରକ୍ଷା ବୈଶିଷ୍ଟ୍ୟ ଏବଂ ଡ୍ରାଇଭ ପାଇଁ ଏକ ରୋମାଂଚକର ସ୍ଥିତି ସୃଷ୍ଟି କରିଥାଏ। ଅଧିକ ଚାହିଦା ଯୋଗୁ, ଟପ ଏଣ୍ଡ ଗ୍ରେଡ ପାଇଁ ବୁକିଂଗୁଡିକ ସାମୟିକ ଭାବେ ରଖାଯାଇଥିଲା। ଏହି ଅବଧି ମଧ୍ୟରେ, ଉଭୟ ହାଇବ୍ରିଡ ଏବଂ ପେଟ୍ରୋଲ ଇନୋଭା ହାଇକ୍ରୋସ୍‌ର ଅନ୍ୟ ଗ୍ରେଡ ପାଇଁ ବୁକିଂ କ୍ରମାଗତ ଭାବରେ ଜାରି ରହିଥିଲା। ଶୃଙ୍ଖଳିତ ଏବଂ ବର୍ଦ୍ଧିତ ଯୋଗାଣ ସହିତ, ୱେଟିଂ ସମୟ ହ୍ରାସ କରାଯାଇଛି। ଏହା ସହିତ ଇନୋଭା ହାଇକ୍ରୋସ୍‌ର ଟପ ଏଣ୍ଡ ଗ୍ରେଡ ବୁକିଂ ଆରମ୍ଭ ହୋଇଛି। ଏହି ଘୋଷଣା ସମ୍ପର୍କରେ ମନ୍ତବ୍ୟ ଦେଇ ଟୟୋଟା କିର୍ଲୋସ୍କର ମୋଟରର ବିକ୍ରୟ-ସେବା-ବ୍ୟବହୃତ କାର ବ୍ୟବସାୟର ଉପ-ସଭାପତି ସାବରୀ ମନୋହର କହିଲେ,ଇନୋଭା ହାଇକ୍ରୋସ୍,ଜେଡ୍‌ଏକ୍ସ ଏବଂ ଜେଡ୍‌ଏକ୍ସ(ଓ)ର ଟପ-ଏଣ୍ଡ ଗ୍ରେଡ ପାଇଁ ବୁକିଂର ପୁନଃ ଖୋଲି ଥିବାରୁ ଆମେ ଆନନ୍ଦିତ।

## ସହଯୋଗୀ ଦଳର ସମର୍ଥନ

୭ ରାଜ୍ୟର ୧୩ ବିଧାନସଭା ଆସନ ନିମନ୍ତେ ଅନୁଷ୍ଠିତ ଉପନିର୍ବାଚନରେ ଶାସକ ଦଳ ବିଜେପି ମାତ୍ର ୨ଟି ଆସନରେ ବିଜୟୀ ହୋଇଥିବା ବିରୋଧୀ ଦଳ ମିଳିତ ଭାବେ ୧୦ଟି ଆସନରେ ବିଜୟ ହାସଲ କରିଛନ୍ତି। ଗୋଟିଏ ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ମୋଟ ଉପରେ ୧୩ ଆସନରୁ ୧୧ଟିରେ ଏନଡିଏ ପରାଜିତ ହୋଇଛି। ଏହାକୁ ନେଇ ବିରୋଧୀ ଦଳ ବେଶ ଉତ୍ସାହିତ। କଂଗ୍ରେସ କହିଛି ଯେ, ଏହା ମୋଦି ସରକାରଙ୍କ ପତନର ଆରମ୍ଭ। ଏଭଳି ମନ୍ତବ୍ୟ ଏବେ ଗ୍ରହଣୀୟ ମନେ ହେଉନି। ପ୍ରଥମ କଥା ହେଲା ଲୋକସଭା ନିର୍ବାଚନ ଓ ବିଧାନସଭା ନିର୍ବାଚନ ମଧ୍ୟରେ ଅନେକ ଫରକ ରହିଛି। ଉଭୟ ନିର୍ବାଚନରେ ଭିନ୍ନ ପ୍ରସଙ୍ଗ, ଭିନ୍ନ ଲକ୍ଷ୍ୟ ରହିଥାଏ। ଲୋକସଭା ନିର୍ବାଚନରେ ଲୋକେ ଦେଶର ପ୍ରଧାନମନ୍ତ୍ରୀ କିଏ ହେବ ସେହି ଲକ୍ଷ୍ୟରେ ଭୋଟ ଦିଅନ୍ତି। କିନ୍ତୁ ବିଧାନସଭା ନିର୍ବାଚନରେ ଭିନ୍ନ ପ୍ରସଙ୍ଗ ଏବଂ ଭିନ୍ନ ଲକ୍ଷ୍ୟ ରହିଥାଏ। ୧୩ ଟି ବିଧାନସଭା ଆସନରେ ଉପନିର୍ବାଚନ ହୋଇଥିଲା। ସାଧାରଣତଃ ଉପନିର୍ବାଚନରେ ଲୋକେ ରାଜ୍ୟରେ କ୍ଷମତାସୀନ ଦଳ ସପକ୍ଷରେ ରାୟ ଦେଇଥାଆନ୍ତି। କାରଣ ଉପନିର୍ବାଚନ ଫଳାଫଳ ସରକାରର ସ୍ଥିତିକୁ ପ୍ରଭାବିତ କରିବାର ସମ୍ଭାବନା ନଥାଏ। ଯେଉଁ ସବୁ ରାଜ୍ୟରେ ଉପନିର୍ବାଚନ ହୋଇଥିଲା ସେଥିରୁ ଅଧିକାଂଶ ରାଜ୍ୟରେ ବିରୋଧୀ ଦଳ ବା ଅଣ ବିଜେପିଦଳ କ୍ଷମତାରେ ରହିଛି। ପଶ୍ଚିମବଙ୍ଗରେ ଟିଏମସି, ତାମିଲନାଡୁରେ ଟିଏମସି, ପଞ୍ଜାବରେ ଆପ, ହିମାଚଳ ପ୍ରଦେଶରେ କଂଗ୍ରେସ ଏବଂ ମଧ୍ୟପ୍ରଦେଶରେ ବିଜେପି କ୍ଷମତାସୀନ ରହିଛି। ସେହିସବୁ ରାଜ୍ୟରେ ।ସକ ଦଳର ପ୍ରାର୍ଥୀ ଉପନିର୍ବାଚନରେ ବିଜୟୀ ହୋଇଛନ୍ତି। କେବଳ ଉତ୍ତରାଖଣ୍ଡର ବିଜେପି କ୍ଷମତାସୀନ ଥିବା ବେଳେ ସେଠାରେ ଗୋଟିଏ ବିଧାନସଭା ଆସନରେ କଂଗ୍ରେସ ଜିତିଛି। ବିହାରର ଗୋଟିଏ ଗୋଟିଏ ଆସନ ଲାଗି ଅନୁଷ୍ଠିତ ଉପନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏହି ଦୁଇଟି ଆସନକୁ ବାଦ୍ ଦେଲେ ବାକି ସବୁ ଆସନରେ ଉପନିର୍ବାଚନ ଫଳାଫଳ ଯାହା ଆଶା କରାଯାଉଥିଲା ତାହା ହିଁ ହୋଇଛି। ପଶ୍ଚିମବଙ୍ଗରେ ଟିଏମସି ସମସ୍ତ ୪ଟି ଆସନରେ ବିଜୟୀ ହୋଇଛି। ସେଠାରେ ବିଜେପି ଜିତିବା ସମ୍ଭାବନା ନଥିଲା। ତାମିଲନାଡୁରେ ଗତ ଲୋକସଭା ନିର୍ବାଚନରେ ବିଜେପି ଗୋଟିଏ ହେଲେ ଆସନ ପାଇନଥିଲା। ତେଣୁ ସେଠାରେ ଅନୁଷ୍ଠିତ ଉପନିର୍ବାଚନରେ ବିଜେପି ଜିତିବ ବୋଲି ଆଶା କରାଯାଉନଥିଲା। ପଞ୍ଜାବର ଜଳନ୍ଧର ପଶ୍ଚିମ ବିଧାନସଭା ଆସନରେ ଆପ ଜିତିବା ଏକ ପ୍ରକାର ନିଶ୍ଚିତ ଥିଲା। ଯଦି ମଧ୍ୟପ୍ରଦେଶରେ ବିଜେପି ପରାଜିତ ହୋଇଥାଆନ୍ତା ତେବେ ଏହା ଏନଡିଏ ପାଇଁ ଧକ୍କା ହୋଇଥାଆନ୍ତା। ହିମାଚଳ ପ୍ରଦେଶର ଯେଉଁ ୩ଟି ଆସନରେ ଉପନିର୍ବାଚନ ହୋଇଥିଲା ସେଠାରେ ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇଥିଲା। ସେଥିରୁ ଗୋଟିଏ ଆସନ ବିଜେପି ଦଖଲ କରିନେଇଛି। ତେଣୁ ଭିନପ୍ନ ଭିନ୍ନ ରାଜ୍ୟର ୧୩ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନ ଫଳାଫଳ ଶାସକ ଦଳ ପାଇଁ ବିପର୍ଯ୍ୟୟ ବୋଲି କୁହାଯାଇପାରିବ ନାହିଁ କିମ୍ବା ଏଥିନେଇ ବିରୋଧୀ ଉଲ୍ଲସିତ ହେବାର ନାହିଁ। ବିଜେପିର ଗଡ଼ ହେଲା ଉତ୍ତର ଓ ପଶ୍ଚିମ ଭାରତର ହିନ୍ଦୀ ଭାଷାଭାଷି ଅଞ୍ଚଳ। ସେଠାରେ ବିଜେପିର ଗଡ଼ ସୁରକ୍ଷିତ ରହିଛି। ମହାରାଷ୍ଟ୍ର ବିଧାନସଭା ପରିଷଦ ନିର୍ବାଚନ ଫଳାଫଳ ଏକତରଫା ଭାବେ ଏନଡିଏ ସପକ୍ଷରେ ଯାଇଛି। ସଦ୍ୟ ସମାପ୍ତ ଲୋକସଭା ନିର୍ବାଚନରେ ବିଜେପି ଏକାକି ୨୪୦ ଆସନରେ ବିଜୟ ହାସଲ କରିଥିବା ବେଳେ କଂଗ୍ରେସ ୯୯ ଆସନ ପାଇଛି। ତାହା ପୁଣି ସହଯୋଗୀ ଦଳର ସମର୍ଥନରେ। ତେଣୁ ଲୋକସଭା ନିର୍ବାଚନରେ ଜନାଦେଶ ସ୍ପଷ୍ଟ ଭାବେ ବିଜେପି ସପକ୍ଷରେ ଯାଇଛି।

# ପ୍ରଦୂଷଣର ଭୟାବହତା ଓ ଜୀବନ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

*;ନିକଟରେ ପ୍ରକାଶ ପାଇଛି ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକା ଲାନ୍‌ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୨୨ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ।*

ଚଳିତ ବର୍ଷ କେବଳ ଦୀପାବଳି ନୁହେଁ ବର୍ଷ ତମାମ ଅନ୍ୟ ସମୟରେ ବାଣ ଫୁଟା ଓ ବାଣର ବ୍ୟବହାର ଉପରେ ମାନ୍ୟବର ସୁପ୍ରିମକୋର୍ଟ କଟକଣାକୁ କଠୋର କରିଛନ୍ତି। ଖଣ୍ଡପୀଠ କହିଛନ୍ତି ୨୦୨୧ରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ବିକ୍ରି ଓ ଫୁଟାଇବାକୁ ନିଷିଦ୍ଧ କରିବା ପାଇଁ ଯେଉଁ ନିର୍ଦ୍ଦେଶ ରହିଥିଲା ତାହା ଭାରତର ସବୁ ରାଜ୍ୟପାଇଁ ସମାନ ଆଇନ ଭାବେ ନିଷିଦ୍ଧ ରହିବ। କେବଳ ସବୁଜ ବାଣ ବିକ୍ରିକୁ ଅନୁମତି ମିଳିବ ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ପରିବେଶବିତଙ୍କ ଭିତରେ ସ୍ୱଭାବିକ ଭାବେ ଆନନ୍ଦ ପ୍ରକାଶ ପାଇଛି। ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳରେ କିଛିଦିନ ତଳେ ସଂପ୍ରତି ପ୍ରଦୂଷଣର ମାତ୍ରା ସାଙ୍ଘାତିକ ଚିନ୍ତାଜନକ ସ୍ଥିତିରେ ପହଞ୍ଚିବା ପରେ ଏହାର ପ୍ରତିକାର ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଯାଇଥିଲା। ଏବେ ଶୀତକାଳୀନ କୁହୁଡ଼ି ସହ ପ୍ରଦୂଷଣ ଏକ ପ୍ରକାର ସାଙ୍ଘାତିକ ପରିବେଶ ସୃଷ୍ଟି କରିଛି। ଦିଲ୍ଲୀ, ପଞ୍ଜାବ, ହରିଆନା ତିନୋଟି ରାଜ୍ୟ ଏହି ପ୍ରଦୂଷଣର ସାଂଘାତିକ ଭାବେ ଶିକାର ହେଉଛନ୍ତି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରଦୂଷଣର ସ୍ଥିତି ଉଦ୍‌ବେଗଜନକ ଭାବେ ରହିଥିବାରୁ ଜାତୀୟ ମାନବାଧିକାର କମିଶନ ନିଜଆଡୁ ଏ କ୍ଷେତ୍ରରେ ହସ୍ତକ୍ଷେପ କରିଛନ୍ତି। ଉପରୋକ୍ତ ରାଜ୍ୟ ସରକାରମାନେ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନଥିବାରୁ ଓ ଏହା ଲୋକଙ୍କ ଜୀବନ ଧାରଣାର ଅଧିକାରକୁ ଉଲ୍ଲଂଘନ କରୁଥିବାରୁ କମିଶନ ନିଜ ଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବ୍ୟବସ୍ଥା, ସଂସ୍ଥାମାନେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ତତ୍ପରତାର ସହ କାର୍ଯ୍ୟକରି ଲୋକଙ୍କୁ ବଡ଼ଧରଣର ସ୍ୱାସ୍ଥ୍ୟ ସଙ୍କଟରୁ ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଓ ତତ୍କାଳ ପଦକ୍ଷେପ ନିଅନ୍ତୁ। କେବଳ ଏହି ବର୍ଷ ନୁହେଁ ପ୍ରତିବର୍ଷ ଘନ କୁହୁଡି ଓ ବିଷାକ୍ତ ବାୟୁ ଲୋକମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦର କାରଣ ପାଲଟିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ତତ୍କାଳ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକ ମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚୀତ କରିଛନ୍ତି। ସରକାର ଲୋକଙ୍କ ଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ଯେଉଁ ପିଏମ୍‌ସ୍ତର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବାବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା। ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଉଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ। ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା। ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ନିକଟରେ ପ୍ରକାଶ ପାଇଛି ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକା ଲାନ୍‌ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୨୨ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ। ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ। ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡ଼ିୟମ ଆଦି ରାସାୟନିକ ବ୍ୟବହାର ହେଉଛି। ବାଣ ପୋଡାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ୍, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ। ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ। ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ। କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ। କୌଣସି ଗୋଟିଏ ସ୍ଥାନରେ ବାୟୁ ସୁସ୍ଥକର ନୁହେଁ। ସବୁଠି ବାୟୁ ପ୍ରଦୂଷଣ ସ୍ତର ମଧ୍ୟମ ଧରଣର ଥିବା କୁହାଯାଉଛି। ହାର୍ଟ ଓ ଲଙ୍ଗସ ରୋଗୀ, ପିଲା ଓ ବୟସ୍କଙ୍କ ପାଇଁ ଏଭଳି ପରିବେଶ ଭଲ ନୁହେଁ। ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଦ୍ୱାରା ଓଡ଼ିଶାର ସାତଟି ପ୍ରଦୂଷଣଯୁକ୍ତ ସହର ଭିତରୁ ଭୁବନେଶ୍ୱରକୁ ଚିହ୍ନଟ କରିଛନ୍ତି। କେବଳ ଦ୍ୱୈତନଗରୀ କଟକ-ଭୁବନେଶ୍ୱର ନୁହେଁ ରାଜ୍ୟର ପ୍ରମୁଖ ବଡ଼ ବଡ଼ ସହର ଓ ଶିଳ୍ପାଞ୍ଚଳ କ୍ଷେତ୍ରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି। ସେହିପରି ଟ୍ରାଫିକ ସମସ୍ୟା ଦେଖାଦେଉଥିବା ଗହଳିପୂର୍ଣ୍ଣ ଅଞ୍ଚଳରେ ବାୟୁ ପ୍ରଦୂଷଣ ବଢୁଥିବା ସହ କେତେକ ସ୍ଥାନରେ ଘର ପ୍ରସ୍ତୁତି ପାଇଁ ବାଲି ଓ ଘରୋଇ ସାମଗ୍ରୀ ଜମା ହେବା ସହ କେତେକ ସ୍ଥାନରେ ରାସ୍ତାକାମ ଚାଲୁ ରହୁଥିବାରୁ ପରବର୍ତ୍ତୀ ସମୟରେ ଏହା ଉପରେ ପାଣି ସିଞ୍ଚନ କରାଯାଇ ରାସ୍ତା ଧୂଳିକୁ ନିୟନ୍ତ୍ରିତ କରାଯାଉନାହିଁ। ଦୀପାବଳିରେ ମନଇଚ୍ଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ିବ।

# ଭୁବନେଶ୍ୱରରେ ଗୋଟିଏ ଦିନ

॥ ଅନୀତା ପଟ୍ଟନାୟକ ॥

ବାପା କେତେକ ସାଙ୍ଗମାନଙ୍କ ସହ ଘରର ବୈଠକଖାନାରେ ବସିଥିଲେ। ଆଗକୁ ଖରାଛୁଟି ଆସୁଥିବାରୁ ପାଠପଢ଼ାର ବୋଝ କମ ଥାଏ। ମୁଁ ଭାଇ ଓ ମାଆ ବାପାଙ୍କ ସାଙ୍ଗମାନେ ଚାଲିଯିବା ପରେ ଏକାଠି ହୋଇ ବାପାଙ୍କୁ ଦୃଢ଼କଣ୍ଠରେ କହିଲୁ ଆମେ ବୁଲିଯିବାକୁ ଚାହୁଁ। ବାପା ଆମର ଉତ୍ସାହ ଦେଖି କହିଲେ ହଉ। ଆମେ ବିଧାନସଭା, ନନ୍ଦନକାନନ, ଆଶ୍ରମ ଓ ମନ୍ଦିର ପ୍ରଭୃତି ବୁଲି ଦେଖିବା। ଦିନସ୍ଥିର ହେଲା ଏବଂ ଆମେ ଗାଡ଼ିରେ ବାହାରିଲୁ।

ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିରରେ ପହଞ୍ଚି ଦେଖିଲୁ କିଛି ପଣ୍ଡିତ ବେଦପାଠ କରୁଛନ୍ତି। ମୁଁ ବାପାଙ୍କୁ ପଚାରିଲି ବାପା ବେଦକୁ ପାଠକଲେ କ'ଣ ହୁଏ। ଜଣେ ପଣ୍ଡିତ ଏକଥା ଶୁଣି ମତେ କହିଲେ ପଠିତ ବେଦମନ୍ତ୍ରର ଅର୍ଥ ଉପରେ ମନନ କଲେ ଅଧିକ ସମୟ ପାଇଁ ସ୍ଥାୟୀ ଆନନ୍ଦ ମିଳେ। ସେ କହିଲେ ଜାତୀୟ ମୂଲ୍ୟବୋଧର କଷ୍ଟଦାୟକ ପତନ ଘଟିଛି। ଏହାଫଳରେ ଆମ ଭାରତୀୟ ଓ ଉତ୍କଳୀୟ ସଂସ୍କୃତିର ଚିହ୍ନ ଧୋତି, ତିଳକ, ଚୂଳଗୁଛ ଉଭେଇ ଯାଇଛି। କେବଳ ସେତିକି ନୁହେଁ ବେଦରେ ନିହିତ ଥିବା ଶାଶ୍ୱତ ସତ୍ୟ ମଧ୍ୟ ଉଭେଇ ଯାଇଛି। କି ଦୁଃଖର କଥା ତୁମପରି ଶିକ୍ଷିତ ପିଲାମାନେ ଆଜି ପଚାରୁଛ ଯେ ବେଦ କାହିଁକି ପଢ଼ାଯାଏ।

ଆମେ ମନ୍ଦିରରୁ ଫେରି ବାଟରେ ଆସୁଥିବା ସମୟରେ ବାପା କହିଲେ ପ୍ରତ୍ୟେକ ମଣଷ ଅତୃପ୍ତ ତୃଷ୍ଣା ଓ ଅଦମ୍ୟ କ୍ଷୁଧା ନେଇ ସେ ଜନ୍ମ ହୁଏ ଆନନ୍ଦକୁ ଖୋଜିବା ନିମନ୍ତେ। ସେ ଆନନ୍ଦ ଲାଭ କରିବାକୁ ଚାହେଁ କିନ୍ତୁ ତାହା କେଉଁଠି ମିଳିବ ତାହା ଜାଣେନାହିଁ। ସେ ଯେ ଆନନ୍ଦ ପାଇବାକୁ ହକଦାର ଓ ଆନନ୍ଦ ତା ମନ ଭିତରେ ଅଛି ସେ କଥା ସେ ବୁଝିପାରେ ନାହିଁ। ସେ ଆନନ୍ଦ ପାଇବାର ଉପାୟ ଖୋଜେ। ସେ ମୃତ୍ୟୁବରଣ କରେ କଷ୍ଟ ଭୋଗକରେ ତାକୁ ଘୃଣା କରିବାକୁ ପଡ଼େ କିନ୍ତୁ ସବୁବେଳେ ତା ଭିତରେ କିଏ ପ୍ରତିବାଦ କରିକହେ ତୁ ଅମୃତର ସନ୍ତାନ, ଆନନ୍ଦ ଓ ପ୍ରେମର ସନ୍ତାନ। ସେ କିନ୍ତୁ ଏ ଶବ୍ଦକୁ ଶୁଣିପାରେ ନାହିଁ। ସୁନା ବଦଳରେ କିଛି ମଇଳା ଖୋଜିଆଣେ। ନୀତି ସ୍ତରର ଜୀବନ ଭିତରେ ଆନନ୍ଦ ଖୋଜିବାକୁ ଦୌଡ଼େ।

ମାଆ କହିଲେ ତାହାଲେ ମୂଲ୍ୟବୋଧ ଜ୍ଞାନ ନଥିଲେ କଣ ପତନ ସୁନିଶ୍ଚିତ। ବାପା କହିଲେ ହଁ। ବୁଦ୍ଧି ବାମ ହେଲେ ମନୁଷ୍ୟ ଦୁଷ୍କର୍ମ କରି କଳଙ୍କର ଚିହ୍ନନେଇ ମୃତ୍ୟୁବରଣ କରେ। ମୁଁ କହିଲି ଆମ ସାର କାଲି ସ୍କୁଲରେ କହୁଥିଲେ ବୁଦ୍ଧି ଏକ ଦୁଇ ପାଖ ଧାର ଥିବା ଅସ୍ତ୍ର। ଏହା ବନ୍ଧନ ଛିନ୍ନ କରି ମୁକ୍ତି ଦେଇପାରେ ଏବଂ ମାରାତ୍ମକ କ୍ଷତ ସୃଷ୍ଟିକରି ପ୍ରାଣ ନେଇଯାଇପାରେ। ଏହି ସମୟରେ ଆମର ଆଲୋଚନାକୁ ଭଙ୍ଗ କରି ଗାଡ଼ି ଚାଳକ କହିଲେ ଆଜି ଭାରି କୁହୁଡ଼ି ହୋଇଛି। ଗାଡ଼ିର ଲାଇଟରେ ମଧ୍ୟ ରାସ୍ତା ଠିକ ଭାବରେ ଦେଖାଯାଉନାହିଁ। କିଛି ସମୟ ପରେ ଖରା ପଡ଼ିଗଲେ ଗାଡ଼ିରେ ଚାଲିଲେ ଭଲ ହେବ। ଆପଣ ଏଠାରେ ଟିକେ ଜଳଖିଆ କରି ନିଅନ୍ତୁ।

ଖାଇବା ଟେବୁଲରେ ମାଆ କହିଲେ ଆମେ ଭାବ ପ୍ରବଣତା ଓ ପ୍ରବୃତ୍ତିକୁ ସଞ୍ଚିତ କରିବା ଦରକାର। ଏହି ଯୋଗ ବଳରେ ବୁଦ୍ଧିକୁ ନିର୍ମଳ କରିହୁଏ। ସଦଗୁଣର ଭିତ୍ତିଭୂମି ଉପରେ ବୁଦ୍ଧି ପ୍ରତିଷ୍ଠିତ ହେବା ଦରକାର। କର୍ମ ଯଦି ଉର୍ସ୍ୱଗୀକୃତ ଭାବରେ କରାଯାଏ ତେବେ ବୁଦ୍ଧି ପରିଷ୍କାର ହୋଇଯାଏ। କୁହୁଡ଼ି ଉଭେଇ ଯାଏ ସତ୍ୟ ଉଦଭାସିତ ହୁଏ। ଭଗବାନଙ୍କ ପ୍ରତି ଉର୍ସ୍ୱଗୀକୃତ କର୍ମ କୁପ୍ରଭାବକୁ ହରାଇଥାଏ। କିନ୍ତୁ କର୍ମର ଫଳକୁ ଆମେ ଭଗବାନଙ୍କ ପାଖରେ ଛାଡ଼ିଦେବା ଉଚିତ। କୁହୁଡ଼ି ଅଜ୍ଞାନ ସଦୃଶ ଓ ଅହଂକାରର ପ୍ରତୀକ ଓ ଈଶ୍ୱରଙ୍କୁ ଲୁଚାଇ ଦିଏ ଓ ଜୀବ ଭିତରେ ଭ୍ରାନ୍ତ ଧାରଣା ସୃଷ୍ଟି କରେ। ଧୂଳି ଓ କୁହୁଡ଼ି ସତ୍ୟକୁ ହତ୍ୟା କରେ କିନ୍ତୁ ଜ୍ଞାନ ଉଦଭାସିତ ହେଲେ କୁହୁଡ଼ି ଆପେ ଆପେ ଚାଲିଯାଏ। ଆଜି କାଲିର ଲୋକମାନେ ଧୂଳି, କୁହୁଡ଼ି ଓ ଅଜ୍ଞାନତାକୁ ପସନ୍ଦ କରୁଛନ୍ତି। ଆମେ ଖାଇସାରି ନନ୍ଦନକାନନ ବୁଲିବାକୁ ଗଲୁ। ସେଠାରେ ଗୋଟିଏ ହାତୀ ଦେଖିଲୁ। ଲୋକମାନେ ପଇସା ଦେଇ ହାତୀ ପିଠିରେ ବସିବା ପାଇଁ ମାହୁନ୍ତ ନିକଟରେ ଏକ ରକମ ପ୍ରତିଯୋଗିତା କରୁଥାନ୍ତି। ବାପା କହିଲେ ଝିଅ ଦେଖ! ଯେଉଁ ହାତୀ ଦିନେ ଦଳପତି ଥିଲା ଓ ତାର ଦଳକୁ ଦେଖି ଜଙ୍ଗଲର ରାଜା ସିଂହ ମଧ୍ୟ ଭୟ କରୁଥିଲା ସେ ଧରା ପଡ଼ିଯାଇ ମନୁଷ୍ୟର ଆଦେଶ ମୁତାବକ କାଠ ଗଣ୍ଡି ଓ ମଣିଷକୁ ବୋହୁଛି। ସେ ନିଜର ଶକ୍ତି ଓ ସୌନ୍ଦର୍ଯ୍ୟକୁ ଭୁଲି ଯାଇଛି। ମଣିଷ ମଧ୍ୟ ଆଜି ବେଦ ଓ ଭାରତୀୟ ସଂସ୍କୃତିକୁ ଭୁଲି ଯାଇଛି। କେତେକ କର୍ମ ଅଛି ଯାହାକୁ ମଣିଷ ଯେତେ ମନ ହରଣକାରୀ ଓ ପ୍ରଲୋଭିତ ହୋଇଥିଲେ ମଧ୍ୟ ଏହାକୁ କରିବା ଉଚିତ ନୁହେଁ। କିନ୍ତୁ ଏବେ ବେଦକୁ ଓ ଭାରତୀୟ ସଂସ୍କୃତିକୁ ଭୁଲିଯିବା ଫଳରେ ମନୁଷ୍ୟ ନିଜର ଲୋଭ ଓ ସ୍ୱାର୍ଥପରତା ମାଡ଼ି ବସୁଛି।

ମୁଁ କହିଲି ବାପା ବେଦ କାହିଁକି ଆମ ପାଠ୍ୟକ୍ରମରେ ନାହିଁ। ତୁମେ କହୁଥିଲ ବିଦ୍ୟା ଦଦାତି ବିନୟମ। ଭକ୍ତି ଓ ବିନୟତା ବିଷୟରେ ଆମ ସ୍କୁଲ ପାଠ୍ୟକ୍ରମରେ କାହିଁକି କିଛି ପଢ଼ା ଯାଉନାହିଁ। ଏହା ଛାତ୍ର ଓ ଛାତ୍ରୀମାନେ କିପରି ହାସଲ କରିପାରିବେ। ଏହି ସମୟରେ ଆମ ଗାଡ଼ି ବିଧାନ ସଭା ସୌଧ ସାମ୍ନାରେ ପହଞ୍ଚିଲା। ଆମେ ଦେଖିଲୁ ବାହାରେ ଖୁବ ହଟ୍ଟଗୋଳ ଲାଗି ରହିଥାଏ। ପ୍ରତିବର୍ଷର ମୀନା ବଜାର ପରି ଅନେକ ତମ୍ବୁ ଟଙ୍ଗା ଯାଇ ବିଭିନ୍ନ ସଙ୍ଗଠନର ଲୋକମାନେ ବିଭିନ୍ନ ତମ୍ବୁତଳେ ବସି ସରକାରଙ୍କ ବିରୁଦ୍ଧରେ ନାରା ଦେଉଥାନ୍ତି। ଜଣେ ପୋଲିସ ବାବୁ ବାପାଙ୍କୁ କହିଲେ ବିଧାନସଭା ଦେଖିବେ କଣ ? ଆଜି ହଟ୍ଟଗୋଳ ହୋଇ ବିଧାନସଭା ମୁଲତବୀ ହୋଇଯାଇଛି।

ମାଆ କହିଲେ ଗୁରୁଜନମାନେ ତାଙ୍କ ବାତାବରଣ, ଘର ଭିତରେ ଗାଁ ଭିତରେ, କ୍ଲବରେ, ସାମାଜିକ କ୍ଷେତ୍ରରେ ଓ ବିଧାନସଭା ସୌଧ ଭିତରେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଭକ୍ତି ବିନୟଭାବ ଯୁବ ସମାଜକୁ ଶିଖାଇ ଦେବାରେ ସାହାଯ୍ୟ କରିବା ଉଚିତ। ତରୁଣମାନେ ବୟସ୍କ ବ୍ୟକ୍ତିଙ୍କ ଠାରୁ ଅତିଶୀଘ୍ର ଶିଖି ଯାଆନ୍ତି ସେ ଦୃଷ୍ଟିକୋଣରୁ ସେମାନେ ଯୁବ ସମାଜ ଆଗରେ ଆଦର୍ଶ ସ୍ଥାନୀୟ ହୋଇ ଦଣ୍ଡାୟମାନ ହେବା ଦରକାର। ଗଲ ଏ ଜାଗା ବଡ଼ ବିପଦ ଶଙ୍କୁଳ ଲାଗୁଛି ତୁ ଝିଅ ବଡ଼ ହେଲେ ଭକ୍ତି ଓ ବିନୟର ନୀତିକୁ ଶିକ୍ଷାରେ ରଖିବା ପାଇଁ ସରକାରଙ୍କୁ ଅନୁରୋଧ ରଖିବୁ।

ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୬୯୮୦୦୨୬

# ପ୍ରଦୂଷଣର ଭୟାବହତା ଓ ଜୀବନ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିବ। ଆଜମା ରୋଗୀଙ୍କ ସମସ୍ୟା ବଢ଼ିବ। ବାରୁଦ ଗନ୍ଧ ଓ ଧୂଆଁ ଯୋଗୁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ। ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ। ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ। ସମସ୍ତେ ସବୁଜ ଦୀପାବଳି ପାଳିବାକୁ ହେବ। ଦୀପାବଳିର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ବ୍ରେନ ଷ୍ଟ୍ରୋକର କାରଣ ହୋଇପାରେ। ବିଷାକ୍ତ ଗ୍ୟାସ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ। ଗର୍ଭ ନଷ୍ଟ ହୋଇପାରେ। ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ। ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା। ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ ପ୍ରଦୂଷଣ କେବଳ ଯେ ପରିବେଶଜନିତ ପ୍ରସଙ୍ଗ ତାହା ନୁହେଁ। ଏହା ମନୁଷ୍ୟର ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ। ଏହା ମଧ୍ୟରେ ଦେଶର ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ। ପ୍ରଦୂଷଣ କାରଣରୁ ଭାରତ ଭଳି ନିମ୍ନ ମଧ୍ୟମ ଆୟକାରୀ ବର୍ଗର ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନଗତ କ୍ଷତି ଦେଶର ଜିଡ଼ିପିର ୦.୩୨ ପ୍ରତିଶତରୁ ୦୪ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ରିପୋର୍ଟ ଅନୁସାରେ ଅଧିକାଂଶ ପ୍ରଦୂଷଣଜନିତ ମୃତ୍ୟୁ, ଅର୍ଥାତ୍ ୯୨ ପ୍ରତିଶତ ମୃତ୍ୟୁ, ଏହି ବର୍ଗର ଦେଶମାନଙ୍କରେ ହୋଇଥାଏ। ସ୍ୱାସ୍ଥ୍ୟଜନିତ ଜଟିଳ ସମସ୍ୟାମାନ ସୃଷ୍ଟି କରୁଥିବା ଯୋଗୁଁ ଏହା ମଧ୍ୟ ଲୋକମାନଙ୍କର ବ୍ୟୟଭାରକୁ ଯଥେଷ୍ଟ ବଢ଼ାଇ ଦେଇଥାଏ ଯାହା ପରୋକ୍ଷରେ ସେମାନଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଥାଏ। ଏହା ଯଦି ହୃଦୟ ବା ହାର୍ଟ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ଭଳି ଶରୀରର ଅଙ୍ଗଗୁଡ଼ିକୁ ପ୍ରଭାବିତ କରେ, ତାହାଲେ ଛୋଟ ପିଲା ହୋଇଥିଲେ ସେମାନଙ୍କର ଅବବୋଧ/ସଜ୍ଞାନାତ୍ମକ ସାମର୍ଥ୍ୟ ଏବଂ ବୟସ୍କ ହୋଇଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇବାର ସମ୍ଭାବନା ବଢ଼ି ଯାଇଥାଏ। ମୋଟାମୋଟି ରିପୋର୍ଟରେ ପ୍ରାଣୀ ସମାଜ ଉପରେ ଅନିୟନ୍ତ୍ରିତ ପ୍ରଦୂଷଣର ଭୟାବହ ପରିଣତିକୁ ଦର୍ଶାଯାଇଛି। ତେଣୁ ଅର୍ଥନୀତିକ ଅଭିବୃଦ୍ଧି ନାଁରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ମଙ୍ଗଳ ଉପରେ ଅତ୍ୟନ୍ତ ହାନିକାରକ ପ୍ରଭାବ ପକାଉଥିବା ପ୍ରଦୂଷଣକୁ ଅଣଦେଖା କରିବା ଉଚିତ ନୁହେଁ। ପ୍ରଦୂଷଣ ପ୍ରତିରୋଧ କରିବା କିପରି ବର୍ତ୍ତମାନ ସମୟରେ କେବଳ ଅତ୍ୟାବଶ୍ୟକ ନୁହେଁ, ଅପରିହାର୍ଯ୍ୟ ଏବଂ ଜାତୀୟ କାର୍ଯ୍ୟକ୍ରମରେ ଏହା କିପରି ପ୍ରାଥମିକତା ପାଇବା ଉଚିତ ତାର ସଙ୍କେତ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି ରିପୋର୍ଟରୁ ମିଳେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ। ଏହା ସହିତ ପ୍ରତ୍ୟେକ ସ୍ତରରେ ସରକାରମାନେ ଏଥିପାଇଁ ହାସଲ କରିହେବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରି ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଓ ଉତ୍ତରଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନକାନୁନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଞ୍ଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ। ବିଶ୍ୱ ପାଇଁ ସଂପ୍ରତି ଦୁଇଟି ପ୍ରମୁଖ ବିପଦ ଦେଖାଦେଇଛି। ତାହାହେଲା ସନ୍ତ୍ରାସବାଦ ଓ ବିଶ୍ୱତାପାୟନ ସହ ପରିବେଶ ପ୍ରଦୂଷଣ। ଆମକୁ ଯଦି ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶୁଦ୍ଧ ବାତାବରଣବିଶିଷ୍ଟ ଭବିଷ୍ୟତ ସୃଷ୍ଟି କରିବାରେ ଅଛି ତାହେଲେ ଏହି ଉଭୟ ସମସ୍ୟାକୁ ପ୍ରାଥମିକତା ଦେଇ ଏହାକୁ ସମୂଳେ ବିଲୋପ କରିବାର ଆବଶ୍ୟକତା ରହିଛି। ସମାଜର ସବୁ ଲୋକ ଯଦି ଏକାଠି ହୋଇ କାର୍ଯ୍ୟ କରନ୍ତି ତାହାଲେ ପ୍ରଦୂଷଣର ମାତ୍ରା ହ୍ରାସ ହେବା ସହିତ ମାନବ ସମାଜର ମଙ୍ଗଳ ହୋଇପାରିବ ଏବଂ ଅର୍ଥନୀତିକ ଅଭିବୃଦ୍ଧି ହାସଲ ହେବା ଅସମ୍ଭବ ହେବନାହିଁ। ପ୍ରଦୂଷଣ କଥା ନେଇ ଆମ୍ଭେମାନେ ଯେ ଜାଣି ନାହୁଁ ତାହା ନୁହେଁ। ଦିଲ୍ଲୀର ଭୟାନକ ପ୍ରଦୂଷଣ ଅଳ୍ପ ବହୁତେ ଆମ୍ଭେମାନେ ସାମ୍ନା କରୁଛୁ ଏବଂ ଆଗକୁ ଜଳବାୟୁ ପରିବର୍ତ୍ତନର କାରଣ ମଧ୍ୟ ପରିବେଶକୁ ଆହୁରି ସଙ୍ଗୀନ କରିପାରେ। ଏ କ୍ଷେତ୍ରରେ ବ୍ୟାପକ ବୃକ୍ଷରୋପଣ ଓ ଗଛ କଟା ଉପରେ ଲଗାମ ରଖିବା ସହ ପରିବେଶକୁ ନେଇ ଆମ୍ଭମାନଙ୍କ ଭିତରେ ଗଭୀର ଓ ଆନ୍ତରିକ ସଚେତନତା ଜରୁରୀ।

ଦୂରଭାଷ : ୯୪୩୮୨୭୬୭୬୦

# ରାସ୍ତା କଡରୁ କାଟିନେଲେ ଗଛ



**ବରୀ,(ମହାଭାରତ) :** ବୃକ୍ଷହିଁ ଜୀବନ। ମଣିଷ ବଂଚିବା ପାଇଁ ବୃକ୍ଷର ଆବଶ୍ୟକତା ରହିଛି। ତେଣୁ ସରକାରୀ ଯାଗା ହେଉ କିମ୍ବା ବେସରକାରୀ ଯାଗା ହେଉ ବୃକ୍ଷ ରୋପଣ କରିବାକୁ ସରକାର ସଚେତନତା ସୃଷ୍ଟି କରିବା ସହିତ ପ୍ରତ୍ୟେକ ପରିବାରର ସଦସ୍ୟ ମାନେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ପ୍ରୟାସ ଜାରି ରଖିଛନ୍ତି। ଏହି ର୍ମରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଓ ଯୁବକ ସଂଘ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲୁ ରହିଛି। ମାତ୍ର ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବରୁହାଁ କଳାମାଟିଆ ପୂର୍ତ୍ତ ବିଭାଗ ରାସ୍ତାର ପୁରୁଣା ତହସିଲ ନିକଟରେ ଥିବା ସହେ ବର୍ଷରୁ ଉର୍ଦ୍ଧ ଏକ ବିରାଟ ଚାଖୁଣ୍ଡା ଗଛର କିଛି ଭାଗ ବେଆଇନ ଭାବେ ବୋହି ନେଇଥିବାର ଦେଖିବାକୁ ମିଳିଛି। ଏହି ଖବର ବନ ବିଭାଗ ଓ ପୂର୍ତ୍ତ ବିଭାଗକୁ ସ୍ଥାନୀୟ ଲୋକେ ଫୋନ ମାଧ୍ୟମରେ ଜଣାଇବା ପରେ ମଧ୍ୟ ନିରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ ଅଧିକାରୀ। ସରକାରୀ ରାସ୍ତା କଡରୁ ଯଦି ଗଛ କାଟିବାର ଆବଶ୍ୟକତା ଥାଏ ତେବେ ସରକାରୀ ନିୟମ ଅନୁଯାୟୀ ପୂର୍ତ୍ତ ବିଭାଗ ରାସ୍ତା କଡରେ ଏହି ଗଛଟି ରହିଥିବାରୁ ବନ ବିଭାଗ ଓ ପୂତ୍ର ବିଭାଗକୁ ଅବଗତ କରାଇବା ପରେ ସ୍ଥାନୀୟ ଲୋକଙ୍କୁ ଜଣାଯାଇ ଏହାକୁ ନିଲାମି କରାଯିବା କଥା। ପରେ ଗୋଟିଏ ଗଛ କଟାଗଲେ ସମ ପରିମାଣ ର ଗଛ ଲଗାଇବାକୁ ରସକାରଙ୍କର ମଧ୍ୟ ଆଇନ ରହିଛି। କିନ୍ତୁ ବରୀ ପୁରୁଣା ତହସିଲ ନିକଟସ୍ଥ ପୂର୍ତ୍ତ ବିଭାଗ ରାସ୍ତା କଡରୁ ଏକ ବିରାଟକାୟ ଚାକୁଣ୍ଡା ଗଛକୁ ବେଆଇନ ଭାବେ କଟାଯାଇ ନିଆଯାଇଥିବା ଦେଖିବାକୁ ମିଳିଛି। ଏ ବିଷୟରେ ପୂର୍ତ୍ତ ବିଭାଗର ସରକାରୀ ଯନ୍ତ୍ରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯିବା ପରେ ବନ ବିଭାଗକୁ ଜଣାନ୍ତୁ ବୋଲି କହିଥିଲେ। ଅପର ପକ୍ଷରେ ବନ ବିଭାଗ ଅଧିକାରିଣୀ ଅନୁପମା ସାହୁ ଙ୍କୁ ପଚାରିବାରୁ ଉକ୍ତ ଚାକୁଣ୍ଡା ଗଛର କାଠ ରଥ କାମରେ ଲାଗିବ ବୋଲି ମତ ରଖିଛନ୍ତି। ଏଠାରେ ପ୍ରଶ୍ନ ଉଠେ ରଥ କାର୍ଯ୍ୟରେ ଚାକୁଣ୍ଡା କାଠ ଲାଗିବା ଘଟଣାକୁ ପରିବେଶ ବିତ ମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। ତେଣୁ ବନ ବିଭାଗ ସହିତ କାଠ ମାଫିଆଙ୍କ ସଲାସୁତୁରାରେ ଏହି ବିରାଟକାୟ ଗଛ କଟାଯିବା ଘଟଣା କୁ ତଦନ୍ତ କରାଯାଇ ଦୋଷି ମାନଙ୍କ ବିରୁଦ୍ଧରେ ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବହୁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି। ସେହିପରି ବରୀ ଅଁଚଳରେ ସମାଜସେବୀ ବିଭିନ୍ନ ସଂଗଠକ ମାନେ ଗଛ ଲଗାଉଥିବା ବେଳେ କାଠ ମାଫିଆ ମାନେ ବାରମ୍ବାର ଦିବାଲୋକରେ ଗଛ କାଟିବା ଘଟଣା ବିଭାଗୀୟ ଅଧିକାରି ମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଗାଡ଼ି ଧକ୍କାରେ ଚାଲିଗଲା ଦୁଇ ନିଷ୍ପାପ ଶିଶୁ ଓ ଜଣେ ଅଭିଭାବକ



**ଯୋଡ଼ା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌର ପାଳିକାରେ ଅବସ୍ଥିତ ଟିସ୍କୋ କମ୍ପାନୀ ଦ୍ୱାରା ନିର୍ମିତ ଡିଏଭି ପବ୍ଲିକ ସ୍କୁଲକୁ ସକାଳୁ ପିଲାଙ୍କୁ ଛାଡିବାକୁ ଯିବା ସମୟରେ ଅଜଣା ହାଇୱା ଧକ୍କାରେ ଚାଲିଗଲା ତିନି ତିନୋଟି ମୂଲ୍ୟବାନ ଜୀବନ । ଦୁର୍ଘଟଣା ସ୍ଥାନରୁ ଦୁର୍ଘଟଣା ଘଟାଇ ଗାଡିଟି ଫେରାର ହୋଇଯାଇଛି କ୍ଷ ଦୁର୍ଘଟଣା ସ୍ଥାନରେ ପ୍ରବଳ ଭିଡ଼ ହେବା ସହ ରାସ୍ତା ଅବରୋଧ ହୋଇଅଛି । ଦୁର୍ଘଟଣା ସ୍ଥାନରେ ଥିବା ଜନ ସାଧାରଣରଙ୍କ କହିବାର କଥା ପ୍ରଶାସନିକ ଅଧିକାରୀ , ଗାଡ଼ି ଚାଳକ, ସ୍କୁଲ କର୍ତ୍ତୃପକ୍ଷ, ରାସ୍ତା ନିର୍ମାଣ ପରେ ଦ୍ରୁତ ଗତିରେ ଗାଡ଼ି ଚାଲିବା ଦ୍ୱାରା ଏପରି ଦୁର୍ଘଟଣାର ଆଶଙ୍କା ବିଷୟରେ ସଜାଗ ନହେବାରୁ ଆଜିର ଏହି ହୃଦୟ ବିଦାରକ ଦୁର୍ଘଟଣା ଘଟି ଯାଇଛି । ଗାଡ଼ି ଧକ୍କାରେ ଡି ଏ ଭି ସ୍କୁଲର ୨ ଛାତ୍ରଙ୍କ ସମେତ ଜଣେ ଅଭିଭାବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ଯୋଡ଼ା ଆଜାଦ୍ ବସ୍ତି ଅଞ୍ଚଳର କ୍ରିଷ୍ଣା ଭୂସାଲ୍, ତାଙ୍କ ପୁଅ ନିକିତ ଭୂସାଲ୍ ଓ ତାଙ୍କ ପଡୋଶୀ ସନ୍ତୋଷ ଶର୍ମାଙ୍କ ପୁଅ ଗଣେଶ ଶର୍ମା । କ୍ରିଷ୍ଣା ଭୂସାଲ୍ ଏକ ବାଇକ୍ ଯୋଗେ ଦୁଇ ଛାତ୍ରଙ୍କୁ ନେଇ ସ୍କୁଲ ଛାଡ଼ିବାକୁ ଯାଉଥିବା ବେଳେ ସ୍କୁଲ ପହଞ୍ଚିବା ପୂର୍ବରୁ ଏହି ଦୁର୍ଘଟଣାଟି ଘଟିଥିଲା କ୍ଷଦୁଇ ଛାତ୍ର ଡି ଏ ଭି ସ୍କୁଲର ଷ୍ଟାଣ୍ଡାର୍ଡ ୱାନ୍ ରେ ପାଠ ପଢୁଥିଲେ । ଏହି ଦୁଃଖଦ ଘଟଣା ପରେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି । ରାସ୍ତା ଉପରେ ମୃତଦେହ ଗୁଡ଼ିକ ପଡ଼ି ରହିଥିବା ବେଳେ, ଉତ୍ୟକ୍ତ ଲୋକେ ରାସ୍ତା ରୋକ କରିଛନ୍ତି । ସେହି ବାଟ ଦେଇ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଛି । ଘଟଣା ସ୍ଥଳରେ ବଡ଼ବିଲ ତହସିଲଦାର, ପୌର ନିର୍ବାହୀ ଅଧିକାରୀ,ଯୋଡ଼ା ଓ ବାମେବାରୀ ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଲୋକଙ୍କୁ ବୁଝା ସୁଝା କରୁଛନ୍ତି । ଲୋକଙ୍କ କହିବା କଥା ରାସ୍ତା ନିର୍ମାଣ ସମୟରେ ସର୍ଭିସ ରୋଡଟିଏ ସ୍କୁଲ ପର୍ଯ୍ୟନ୍ତ ହୋଇଥିଲେ ଏପରି ଦୁର୍ଘଟଣା ହୋଇନଥାନ୍ତା । ଅନେକ ଲୋକ କହୁଥିଲେ ଯେଉଁ ଡ୍ରାଇଭରମାନେ ବେପାରୁଆ ଭାବେ ଗାଡି ଚଳାଉଛନ୍ତି ତାହା ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର, ଗୋଟିଏ ସ୍ପିଡ଼ ଲିମିଟ ସ୍ଥିର କରିବା ଦରକାର ଏବଂ ରାସ୍ତା ରାସ୍ତା ରେ କ୍ୟାମେରା ଲଗାଇ ଓ ସ୍ପିଡ଼ ଲିମିଟ କଣ୍ଟ୍ରୋଲ ରଖିବା ଦରକାର । ସ୍ପିଡ଼ ଲିମିଟରୁ ଯିଏ ଅଧିକ ବେଗରେ ଗାଡି ଚଳାଇବ ତାହା ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ହେବା ଦରକାର ଏହିପରି ଯଦି କିଛି ନୀତି ନିୟମ ପ୍ରଣୟନ କରାଯାଏ ତାହା ହେଲେ ହୁଏତ କିଛି ମାତ୍ରାରେ ଦୁର୍ଘଟଣାକୁ ରୋକା ଯାଇ ପାରିବ କ୍ଷଟାଟା କମ୍ପାନୀ କର୍ତ୍ତୃପକ୍ଷ ସବୁସମୟରେ ସେଫଟି ପୋଗ୍ରାମ ପାଇଁ ଢ଼ିମିଢ଼ିମି ପିଟୁଥିବା ସମୟରେ ଆଜିର ଏହି ଦୁର୍ଘଟଣା ପୂର୍ବରୁ ସେଫଟି ବିଷୟରେ ଥରଟିଏ ଚିନ୍ତା କଲେନାହିଁ କାହିଁକି । ଆଗରୁ ସେଫଟି ବିଷୟରେ ଥରଟିଏ ଚିନ୍ତା କରିଥିଲେ ଆଜି ହୁଏତ ତିନୋଟି ମୂଲ୍ୟବାନ ଜୀବନ ଏହି ଦୁର୍ଘଟଣାଟିରୁ ବଞ୍ଚି ଯାଇ ପାରିଥାନ୍ତେ ।

### ଜମିବାଡ଼ି ବିବାଦକୁ ନେଇ ବୃଦ୍ଧ ଆହତ

# ପୋଷା କୁକୁର ଲଗାଇ ବୃଦ୍ଧାଙ୍କୁ କଲେ ଆକ୍ରମଣ



**ଅସ୍ତରଙ୍ଗ,(ମହାଭାରତ) :** ଅସ୍ତରଙ୍ଗ ବ୍ଲକ ନୂଆଗଡ ଗ୍ରାମ ରେ ଜମିବାଡ଼ି ବିବାଦ କୁ ନେଇ ପରିବାର ଭିତରେ ବିବାଦ, ସୂଚନା ମୁତାବକ ଉକ୍ତ ସ୍ଥାନ ରେ ଏକ ପିତୃ ଅର୍ଜିତ ସମ୍ପତି ରେ ପାଞ୍ଚରୁ ଉର୍ଦ୍ଧ ଦଖଲଦାରି ରହୁଥିବା ବେଳେ ଉଭୟ ଙ୍କ ଭିତରେ ଘର ନିର୍ମାଣ କୁ ନେଇ ଅନେକ ସମୟ ରେ ଗଣ୍ଡଗୋଳ ହୋଇଛି,ଉକ୍ତ ସ୍ଥାନ ର ଜଣେ ହକଦାର ଜନ୍ମେଜୟ ପାତ୍ର, ପିତା -ଚିନ୍ତାମଣି ପାତ୍ର ଜଣେ ଅସହାୟ ଗରିବ ଶ୍ରେଣୀ ର କୃଷକ ଅଟନ୍ତି, ପିତୃ ଅର୍ଜିତ ସ୍ଥାନ ରେ ନିଜ ର ଭାଗ ରେ ଘର କରିବାକୁ ପ୍ରୟାସ କରୁଥିବା ବେଳେ ଅନ୍ୟ ଅଂଶୀଦାର ତାଙ୍କୁ ସେଠି ବିରୋଧ କରିବା ସହିତ କୌଣସି ପରିସ୍ଥିତି ରେ ସେଠି ଗୃହ ନିର୍ମାଣ କରାଇଦେଉ ନାହାନ୍ତି, ଯାହାକି ଫଳରେ ଜନ୍ମେଜୟ ଅନେକ ସମୟ ରେ ଅସ୍ତରଙ୍ଗ ନୂଆଗଡ ସ୍ଥିତ ମେରାଇନ ପୋଲିସ ରେ ଏ ବାବଦରେ ଅଭିଯୋଗ କରିଛନ୍ତି, ଜନ୍ମେଜୟ ଙ୍କ କହିବା ଅନୁଯାୟୀ ପ୍ରତିପକ୍ଷ ବ୍ୟବସାୟିକ ଲୋକ, ଆମେ ଦୁର୍ବଳ ହୋଇଥିବାରୁ ଆମେ ସେମାନଙ୍କ ସହିତ କୌଣସି ପରିସ୍ଥିତି ରେ ମୁକାବିଲା କରିପାରୁନୁ କେବଳ ଆଇନ ର ସହାୟତା କୁ ନିର୍ଭର କରୁଛୁ, ଏପରି କି ପ୍ରତୀପକ୍ଷ ପୋଷା କୁକୁର ଲଗାଇ ଜନ୍ମେଜୟ ଙ୍କ ପତ୍ନୀଙ୍କୁ ଆକ୍ରମଣ କରାଇଛନ୍ତି, ଯାହାକୁ ନେଇ ଜନ୍ମେଜୟ ଜୁଲାଇ ୧୫ ତାରିଖ ରେ ଅନ୍ୟ ଅଂଶୀଦାର ତଥା ପତିତପାବନ ପାତ୍ର, ପିତା ସ୍ୱର୍ଗତଃ ଗୋପୀ ପାତ୍ର, ପତିତପାବନ ଙ୍କ ପୁତ୍ର ଯୋଗୀ ପାତ୍ର ଓ ନାତି ରିଙ୍କୁ ପାତ୍ରଙ୍କ ନାମ ରେ ଲିଖିତ ଅଭିଯୋଗ କରିଥିଲେ, ଏହି ଅଭିଯୋଗ କୁ ଭିତ୍ତି କରି ମେରାଇନ ପୋଲିସ ଧାରା୩୪୧, ୩୨୩, ୨୯୪, ୫୦୬, ୨୮୯, ୩୪ ଧାରା ଏକ ଅପରାଧିକ ମାମଲା ରଜୁ କରିଛି, ଏହାପରେ ସେହି ସ୍ଥାନ ରେ ନିଜ ନିଜ ଅଂଶ ରେ ନିଜେ ବ୍ୟବହାର କରି ଶାନ୍ତି ରେ ନିର୍ମାଣ କାର୍ଯ୍ୟ କରିବା ପାଇଁ ଉଭୟ ଙ୍କ ଭିତରେ ନିଷ୍ପତି ହୋଇଥିଲା କିନ୍ତୁ ଆଜି ଜନ୍ମେଜୟ ପୁନଃବାର ସେହି ସ୍ଥାନ ରେ ନିର୍ମାଣ କାର୍ଯ୍ୟ କରିବା ସମୟ ରେ ପ୍ରତିପକ୍ଷ ଅଂଶୀଦାର ପୁର୍ନବାର ଆକ୍ରମଣ କରିଛନ୍ତି ଯାହାକୁ ନେଇ ଜନ୍ମେଜୟ ପାତ୍ର ଆଜି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଚିକିତ୍ସିତ ହୋଇଛନ୍ତି, ବାରମ୍ବାର ଜଣେ ନିରୀହ ଅସହାୟ ଲୋକ କୁ ନିଜ ହକ ସ୍ଥାନ ରୁ ତଡି ଦେବା ପାଇଁ ଏହି ପ୍ରୟାସ କରାଯାଉଛି ବୋଲି ଜନ୍ମେଜୟ ପାତ୍ର ଅଭିଯୋଗ ଉଠାଇଛନ୍ତି, ଏବେ ପୋଲିସ ନୁହେଁ ସିଧା ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏ ବାବଦରେ ତାଙ୍କୁ ନ୍ୟାୟ ଦେବା ପାଇଁ ଜନ୍ମେଜୟ ଓ ତାଙ୍କ ପରିବାର ତରଫରୁ ନିବେଦନ କରାଯାଇଛି ।

# ୪ କିଲୋ ମିଟର ଦୁଲାରେ ବୁହା ହେଲା ଗର୍ଭବତି



**ଗଜପତି,(ମହାଭାରତ) :** ଜିଲ୍ଲା ମୋହନା ବ୍ଲକ ଏକ ଆଦିବାସୀ ବହୁଳ ଦୁର୍ଗମ ଅଞ୍ଚଳ ହୋଇଥିବା ବେଳେ ଅନେକ ଗାଁକୁ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ଟେ ନାହିଁ । ଏହି ଆଦିବାସୀ ଅଧ୍ୟୁଷିତ ମାଣ୍ଡିମେରା ପଂଚାୟତ ନିକଟସ୍ଥ ଗୋବୁଲେ ଠୁ ୪ କିଲୋମିଟର ଲେଖାରି ଗାଆଁ କୁ ଦୁଳାରେ ବୁହା ହେଲେ ଗର୍ଭବତି ମହିଳା । ଗୋବେଲ ଗ୍ରାମର ଜିସାୟ ମାଝୀଙ୍କ ପତ୍ନୀ ସୁକୁମାରୀ ମାଝୀଙ୍କ ଆଜି ଗର୍ଭ ଯନ୍ତ୍ରଣା ଆରମ୍ଭ ହେଇଥିବା ବେଳେ ଆସା କର୍ମୀଙ୍କ ଦ୍ୱାରା ୧୦୮ କୁ କଲ୍ କରିଥିଲେ । କିନ୍ତୁ ଲେଖାରି ଠାରୁ ଗୋବେଲ୍ ଦୀର୍ଘ ୪ କିଲୋମିଟର ପଥରୀଆ ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ଥିବାରୁ ଆମ୍ବୁଲାନ୍ସ ଯାଇ ପାରିନଥିଲା। ତେଣୁ ପରିବାର ଓ ସମ୍ପର୍କୀୟଙ୍କ ସହାୟତାରେ ଆମ୍ବୁଲାନ୍ସ ନିକଟକୁ ଦୋଲାରେ ବୋହି ଆଣିଲେ । ସେଠାରୁ ଆମ୍ବୁଲାନ୍ସ ଯୋଗେ ଅତବା ମେଡ଼ିକାଲକୁ ନେଇ ଆସିଥିଲେ । ବର୍ତମାନ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବାବେଳେ ମା ସୁକୁମାରୀ ସୁସ୍ଥ ଥିବା ଡ଼ାକ୍ତର ସୂଚନା ଦେଇଛନ୍ତି ।

# ନବନିର୍ବାଚିତ ବିଧାୟକ ଶ୍ରୀଯୁକ୍ତ ନୀଳମାଧବ ହିକକାଙ୍କୁ ସମ୍ବର୍ଦ୍ଧନା



**ବିଷମ କଟକ, (ମହାଭାରତ) :** ରାୟଗଡ଼ା ଜିଲ୍ଲା ବିଷମ କଟକ ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ଶ୍ରୀଯୁକ୍ତ ନୀଳମାଧବ ହିକକା ଚଳିତ ନିର୍ବାଚନରେ ବିଧାୟକ ହୋଇ ଖୁପ୍ କମ୍ ଦିନରେ ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ତାଙ୍କର ଅକ୍ଲାନ୍ତ ପରିଶ୍ରମ ଜନ ସାଧାରଣ ଙ୍କ ସେବାରେ ନିଜର କାର୍ଯ୍ୟକାଳ ର ବହୁ ମୂଲ୍ୟବାନ ସମୟ ଦେଇ ନିର୍ବାଚନ ମଣ୍ଡଳୀରେ ସାଧାରଣ ଲୋକଙ୍କ ପ୍ରୀୟଭାଜନ ହୋଇପାରିଛନ୍ତି । ଆଜି ଭୁବନେଶ୍ୱର ର ରବିନ୍ଦ୍ର ମଣ୍ଡପ ଠାରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମ୍ମନ୍ୱୟ ପରିଷଦ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ବିଧାୟକ ମାନେ ଉପସ୍ଥିତ ରହିଥିଲେ। ନିଜର ନିଷ୍ପାପର ସରଳ ଜୀବନ ଶୈଳୀରେ ଲୋକଙ୍କ ସେବାରେ ନିୟୋଜିତ ଓ ତାଙ୍କର ଏହି ସମ୍ବର୍ଧନା ପାଇଥିବାରୁ ବିଷମ କଟକ ନିର୍ବାଚନ ମଣ୍ଡଳୀ ର ଜନସାଧାରଣ ବହୁତ ଖୁସି ପ୍ରକଟ କରିବା ସହ ଆଗମୀ ଦିନରେ ମାନନୀୟ ବିଧାୟକ ଙ୍କ ଲୋକଙ୍କ ସେବାରେ ଏହିଭଳି କର୍ଯ୍ୟ ଜାରି ରଖିବେ ବୋଲି ଓ ତାଙ୍କର ଏହି ସମ୍ବର୍ଧନା ପାଇଥିବାରୁ ଅଞ୍ଚଳ ବାସି ବହୁତ ଖୁସି ପ୍ରକଟ କରିଛନ୍ତି।

# ସାମ୍ବାଦିକ ସଂଘର ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ



**ଅନୁଗୋଳ,(ମହାଭାରତ):** ବଅଁରପାଳ ସଂଘ ତରଫରୁ ସାମ୍ବାଦିକ ଦିବସ ଅବସରରେ ସ୍ଥାନୀୟ ପଞ୍ଚ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମ ପରିସରରେ ବଅଁରପାଳ ବ୍ଲକ ସାମ୍ବାଦିକ ସଂଘର ଏକ ବୈଠକ ବରିଷ୍ଠ ସାମ୍ବାଦିକ ଅଖିଳ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ରାଜେଶ କୁମାର ନାୟକଙ୍କ ଅକାଳ ବିୟୋଗରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ସମୂହ ଦୀପଦାନ ସହ ନୀରବ ପ୍ରାର୍ଥନା କରା ଯାଇଥିଲା । ସର୍ବ ସମ୍ମତିକ୍ରମେ ପୂର୍ବରୁ ଥିବା କମିଟିକୁ ଭାଙ୍ଗି ନୂତନ କମିଟି ଗଠନ କରା ଯାଇଥିଲା । ସଂଘର ସଭାପତି ଭାବେ ଅଖିଳ କୁମାର ମହାପାତ୍ର, ସମ୍ପାଦକ ଶଶାଙ୍କ ଶେଖର ସାମଲ, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ବିଶୋଇ, ଉପ ସଭାପତି ରୁଦ୍ରମୋହନ ସାହୁ, ସହ ସମ୍ପାଦକ ତ୍ରିଲୋଚନ ନାଏକ, କ୍ଷୀରୋଦ ବେହେରା, କୋଷାଧକ୍ଷ ପ୍ରିୟବ୍ରତ ସାମଲ, ସଂଯୋଜକ ସଞ୍ଜୀବ ପାଇକ ଓ ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ହେମନ୍ତ କୁମାର ସାହୁଙ୍କୁ ମନୋନୀତ କରା ଯାଇଥିଲା । ଏହି ଅବସରରେ ନୂତନ ସଭାପତି ଶ୍ରୀ ମହାପାତ୍ର ପୂର୍ବରୁ ଚାଲିଥିବା ସଂଘର ସମସ୍ତ କାର୍ଯ୍ୟକଳାପକୁ ଜାରି ରଖିବା, ସଂଘର ପଞ୍ଜିକରଣ ଓ ଏକ କାର୍ଯ୍ୟାଳୟ ନିର୍ମାଣ ପ୍ରସ୍ତାବକୁ ଆଗେଇ ନେବାପାଇଁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ସାମଲ, ତାପସ କୁମାର ଜେନା, ଚୈତନ୍ୟ ସାହୁ, ସୁଧାକର ସାହୁ, ସୁବ୍ରତ ସାମଲ, ଲଲାଟେନ୍ଦୁ ନାଏକ ଓ ବିଭାସ କୁମାର ସାମଲ ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ବେପରୁଆ ଗାଡ଼ି ଚାଲାଣ ନେଇଗଲା ଜୀବନ



**ଅନୁଗୋଳ,(ମହାଭାରତ):** ଅନୁଗୋଳ ଜିଲ୍ଲା ନାଲକୋ ଥାନା ଅନ୍ତର୍ଗତ ଟାଉନ୍ ସିପ ଛକ ଠାରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବ୍ୟକ୍ତି ଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅନ୍ତର୍ଗତ ଡେରାବିଶ ଗ୍ରାମ ର ଦୁର୍ଗା ଚରଣ କାମିଲା (୪୯) । ଦୁର୍ଗା ଚରଣ ଟାଟା କମ୍ପାନୀ ରେ କାର୍ଯ୍ୟ କରୁଥିବା ବେଳେ ଦୀର୍ଘ ଦିନ ହେବ ନାଲକୋ ର ଗିରଙ୍ଗ ସ୍ଥିତ ଗାୟତ୍ରୀ ନଗର ରେ ପରିବାର ସହିତ ରହିଆସୁଥିଲେ। ଆଜି ରବିବାର ଛୁଟି ଥିବା କାରଣରୁ ସେ ଅନୁଗୋଳ ହସ୍ପିଟାଲ କୁ ଯାଇଥିଲେ ,ପରେ କିଛି କାର୍ଯ୍ୟ ସାରି ଅପରାହ୍ନ ୩.୧୫ ବେଳକୁ ଘରକୁ ଫେରୁଥିବା ସମୟରେ ନାଲକୋ ଟାଉନ ସିପ ଛକ ୧ ନମ୍ବର ଗେଟ ନିକଟରେ ଥିବା ପରିବା ଦୋକାନ କୁ ପରିବା ଦର ପଚାରିବା ବେଳେ ଏକ ନମ୍ବର୍ ବିହୀନ ଟ୍ରାକ୍ଟର ଦ୍ରୁତ ଗତି ରେ ଆସି ଦୁର୍ଗା ଚରଣ ଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ଟ୍ରାକ୍ଟର ଟି ମାଡ଼ି ଯାଇଥିଲା , ଦୁର୍ଘଟଣା ପରେ ମଧ ଦୁର୍ଗା ଚରଣ ନିଜେ ସେଠାରୁ ଉଠି ତାଙ୍କ ଶଳା ଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ । ତେବେ ସେଠାରୁ ଜଣେ ବ୍ୟକ୍ତି ତାଙ୍କୁ ତୁରନ୍ତ ପାଖରେ ଥିବା ନାଲକୋ ଚିକିତ୍ସାଳୟ କୁ ନେଇ ଯାଇଥିଲେ , କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତେବେ ଘଟଣା ସମ୍ପର୍କରେ ଦୁର୍ଗା ଚରଣ କାମିଲା ଙ୍କ ଶଳା ରଞ୍ଜନ ହାତୀ (୩୭) ନାଲକୋ ଥାନା ଲିଖିତ ଅଭିଯୋଗ କରିଛନ୍ତି। ତେବେ ଶବ ବ୍ୟବଚ୍ଛେଦ ପାଇଁ ମୃତ ଦେହ କୁ ଅନୁଗୋଳ ମୂଖ୍ୟ ଚିକିତ୍ସାଳୟ କୁ ପଠାଇ ଦିଆ ଯାଇଛି।

# ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ



**ଅନୁଗୋଳ,(ମହାଭାରତ):** ଆମ ପ୍ରତିଭା ଆମ ସ୍ୱାଭିମାନ ଅନୁଷ୍ଠାନ ତରଫରୁ ଅଗଷ୍ଟ ୪ ତାରିଖ ଓଡିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ଭୂତପୂର୍ବ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦୀନି ଶତପଥୀଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ଆମ ପ୍ରତିଭା ଆମ ସ୍ୱାଭିମାନର ଉପଦେଷ୍ଟା ତଥା ଢେଙ୍କାନାଳ ପ୍ରାକ୍ତନ ସାସଂଦ ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଆମ ପ୍ରତିଭା ଆମ ସ୍ୱାଭିମାନର ସଭାପତି ତଥା ପୌରାଧକ ଅକ୍ଷୟ କୁମାର ସାମନ୍ତ ପରିଚାଳନା କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ଭକ୍ତି ପ୍ରସାଦ ଦାସ,ସମ୍ପାଦକ ଦିନେଶ ପ୍ରଧାନ ଓ କୋଷାଧକ୍ଷ ପର୍ଶୁରାମ ଦାଶ ମଞ୍ଚାସୀନ ଥିଲେ । ଓଡ଼ିଶାରେ ସାମ୍ବାଦିକ ମାନଙ୍କ ଭୂମିକା ଉଲ୍ଲେଖନୀୟ ଅଟେ । ସମସ୍ୟା ଠାରୁ ଆରମ୍ଭ କରି ବିକାଶ ଓ ବ୍ୟବସ୍ଥା ପରିବର୍ତ୍ତନ ଆଦି ବିଭିନ୍ନ କ୍ଷେତ୍ରରେ ଖବର ପରିବେଷଣ କରି ସାମ୍ବାଦିକ ମାନେ ତାଙ୍କ ଦକ୍ଷତାର ପରିଚୟ ଦେଇ ଆସିଛନ୍ତି । ଏଣୁ ସମାଜର କଲ୍ୟାଣ କ୍ଷେତ୍ରରେ ସାମ୍ବାଦିକତା ମାନଙ୍କର ଅତୁଳନୀୟ ଅବଦାନ ପାଇଁ ଆମ ପ୍ରତିଭା ଆମ ସ୍ୱାଭିମାନ ପକ୍ଷରୁ ସାମ୍ବାଦିକ ମାନଙ୍କର ସମ୍ମାନାର୍ଥେ ଏହି ଦିବସକୁ ପାଳନ କରାଯାଇ ଅଛି ବୋଲି ଅନୁଷ୍ଠାନ କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ସଂଗ୍ରାମ ଦାଶ ତାଙ୍କ ଅଭିଭାଷଣରେ ସାମ୍ବାଦିକ ମାନଙ୍କ ଉନ୍ନତ କାର୍ଯ୍ୟଶୈଳୀ ଓ ଶସ୍ତା ଓ ବ୍ୟକ୍ତିଗତ ଆକ୍ଷେପ ଖବର ପ୍ରସାରଣ ପରିବର୍ତ୍ତେ ସାମାଜିକ ଓ ସାମଗ୍ରୀକ ବିକାଶ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ସାମ୍ବାଦିକ ଦ୍ୱାରିକା ପ୍ରସାଦ ନନ୍ଦ ଓ ମନୋରଞ୍ଜନ ପାଣି ମଧ୍ୟ ତାଙ୍କ ଅଭିଭାଷଣରେ ବର୍ତ୍ତମାନ ସାମ୍ବାଦିକତା ଏକ ଶିଳ୍ପ ଅନୁଷ୍ଠାନରେ ପରିଣତ ହୋଇସାରିଛି ବୋଲି ପ୍ରକାଶ କରିବା ସହିତ ସାମ୍ବାଦିକ ମାନେ ଦେଉଥିବା କେଉଁ ଖବର ପ୍ରକାଶନ କରିବା ନକରିବା ତାହା ତାହା ସମ୍ପୃକ୍ତ ଅନୁଷ୍ଠାନ ଇଚ୍ଛା ମୁତାବକ ହୋଇଥାଏ । ସାମ୍ବାଦିକତା କାହାର ପେଶା ତ କାହାର ନିଶା ଅଟେ । ଏହାକୁ ପେଶା ବା ନିଶା କରିଥିବା ସାମ୍ବାଦିକ ମାନେ ମଧ୍ୟ ଅନୁଷ୍ଠାନର ଇଚ୍ଛା ବିନା ନିଜ ଇଚ୍ଛା ମୁତାବକ ଖବର ପ୍ରକାଶନ କରିବା ସେମାନଙ୍କ କ୍ଷମତା ବାହାରେ ଥାଏ। ତଥାପି ଯଥା ସମ୍ଭବ ସାମ୍ବାଦିକ ମାନେ ଖବର ପ୍ରସାରଣରେ ତାଙ୍କର ଭୂମିକା ନିର୍ବାହ କରିଆସୁଥିବାରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଉପଖଣ୍ଡ ସ୍ତରୀୟ ମିଳିତ ଜନ ଅଭିଯୋଗ



**ରାଇରଙ୍ଗପୁର,(ମହାଭାରତ) :** ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି। ବାମନଘାଟୀ ଉପ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦାଶଙ୍କ ତତ୍ତ୍ୱବଧାନରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉକ୍ତ ଶିବିର ରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଉମା ଶଙ୍କର ମହାରଣା , ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ଗୋକୁଳାନନ୍ଦ ସାହୁ, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ର ଅଧିକ୍ଷକ ଶ୍ରୀ ରବୀନ୍ଦ୍ର କୁମାର ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭ ରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟା ରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୧୯ ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୧୫ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୦୪ ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା ଆପତ୍ତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟା ରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ଶିବିର ରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗ ର ଅଧିକାରୀ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର କର୍ମଚାରୀ ମାନଙ୍କ ଦ୍ୱାରା ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।

## ଅଜଣା ରୋଗରେ ରୋଜଗାରିଆ ଘରର ସ୍ୱାମୀ ଶଯ୍ୟାଶାୟୀ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

କନ୍ଧମାଳ:(ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପାହିରାଜୁ ପଞ୍ଚାୟତ ଅଧୀନ ରେ ଥିବା ମୁଛଳପଡା ଗାଁରେ କାମ କରି ପରିବାର ପ୍ରତିପୋଷଣ କରିବା ବୟସରେ ଘରର ରୋଜଗାରିଆ ସ୍ୱାମୀଦୀର୍ଘ ୪ ବର୍ଷ ହେବ ଏକ ଅଜଣା ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ହୋଇ ପଡିଛନ୍ତି । ସେପଟେ ମୂଳ ଲାଗି ପରିବାର ପ୍ରତିପୋଷଣ କରୀ ଆସୁଥିବା ପ୍ରଶ୍ନ ଦିଗାଲ ଙ୍କ ସ୍ତ୍ରୀ ଜାନକୀ ଦିଗାଲ ବର୍ତ୍ତମାନ ସ୍ୱାମୀର ଚିକିତ୍ସା କରାଇବା ଲାଗି ଅସମର୍ଥ ହୋଇ ପଡିଥବା ବେଳେ ପଙ୍ଗୁ ସ୍ୱାମୀର ଚିକିତ୍ସାରେ ଏବେ ଅର୍ଥ ବାଧକ ସାଜିଛି। ତେବେ ସୂଚନା ଅନୁସାରେ ଏହି ମୁଛଳପଡା ଗାଁ ରେ ପ୍ରଶ୍ନ ଦିଗାଲ ,ସ୍ତ୍ରୀ ଜାନକୀ ଦିଗାଲ, ମା ଟୁବିଦିଗାଲ, ପୁଅ ସାନୁଜ ଦିଗାଲ, ଝିଅ ଭୂମିକା ଦିଗାଲ,ମାଣିକଦିଗାଲ ପରିବାର ବସବାସ କରନ୍ତିୟ ପରିବାରରେ ସମୁଦାୟ ଛଅ ଜଣ ସଦସ୍ୟ ରହିଆସୁଥିବା ବେଳେ ଦିନଥିଲା ଏହି ପରିବାର ମଧ୍ୟ ବହୁ ହସଖୁସିରେ ଚଳୁଥିଲେ। କିନ୍ତୁ ଗତ କିଛି ଦିନ ମଧରେ ତାଙ୍କ ପିତାଙ୍କର ଅଜଣା ରୋଗରେ ପୀଡିତ ଥିଲେ ତାଙ୍କର ମଧ ମୃତ୍ୟୁ ହେଇଗଲା ମୃତକଙ୍କ ନାମ ଛାଟିଆ ଦିଗାଲ ଙ୍କ କନିଷ୍ଠ ପୁତ୍ର ୨୮ ବର୍ଷୀୟ ପ୍ରଶ୍ନ ଦିଗାଲ ଅଜଣା ରୋଗରେ ପୀଡିତ ହେବାପରେ ଘରର ସୁଖଶାନ୍ତି କୁଆଡେ ଉଭାନ ହୋଇଯାଇଛି। ପ୍ରଶ୍ନ ଦିଗାଲ ଙ୍କୁ ୨୮ ବର୍ଷ ହେଉଥିବା ବେଳେ ତାଙ୍କର ଗୋଡ଼ ହାତ ବିନ୍ଧିବା ସହ କଥୋପକଥନ ମଧ ବନ୍ଦ ହେଇଯାଇଥିଲା ।ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ ସେହିଠାରେ ଡାକ୍ତର ତାଙ୍କୁ ସ୍ଥାନାନ୍ତରିତ କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଟେଇ ଥିଲେ ମୁଖ୍ୟ ଚିକିତ୍ସାଳୟ ଚିକିତ୍ସା କରାଇଥିଲେ। ଶେଷରେ ସ୍ୱାମୀର ଚିକିତ୍ସା ଲାଗି ଜମିବାଡ଼ି, ସୁନା ରୁପା ବିକ୍ରି ମଧ କରିବାକୁ ପଡ଼ିଥିଲା । ବର୍ତ୍ତମାନ ସ୍ୱାମୀର ଚିକିତ୍ସା ଲାଗି ସ୍ତ୍ରୀ ଅସହାୟ ହୋଇପଡ଼ିଥିବା ବେଳେ ଘରେ ଯେତିକି ଅର୍ଥ ଥିଲା ସବୁତକ ଖର୍ଚ୍ଚ ହୋଇସାରିଛି । ଏବେ ଅର୍ଥ ଅଭାବରୁ ପରିବାରେ ଖାଦ୍ୟ ପାଇଁ ଓ ଏପଟେ ସ୍ୱାମୀର ଚିକିତ୍ସା କରିବା ସମ୍ଭବ ହୋଇପାରୁନାହିଁ । ଯାହା ଲାଗି ବର୍ତ୍ତମାନ ନିଜ ଭାଗ୍ୟ କୁ ଆଦରି ସରକାରୀ ସହାୟତା କୁ ଅପେକ୍ଷା କରି ଘରର ମୁଖ୍ୟ ରୋଜଗାରିଆ ସ୍ୱାମୀର ଅସହାୟ ଅବସ୍ଥାରେ ପଡ଼ିରହିଛି । ସେପଟେ ସ୍ୱାମୀର ଚିକିତ୍ସା ଲାଗି ଜାନକୀ ଦିନ ମଜୁରିଆ ଭାବେ କାମ ଯାଉଥିବା କୋହଭରା କଣ୍ଠରେ କହିବା ସହ ପରିବାର ଚଳିବା ଓ ସ୍ୱାମୀର ଚିକିତ୍ସା ପାଇଁ ପ୍ରଶ୍ନ ଙ୍କ ପରିବାର ସଦସ୍ୟଙ୍କ ସହ ପାଖ ପୋଡେଶି ଆକୁଳ ସହ ନିବେଦନ କରିଛନ୍ତି ।



## ୪ ଆନ୍ତଃରାଜ୍ୟ ଡ଼କାୟକୁ ଧରିଲା ପାଟଣା ପୋଲିସ



ପାଟଣା(ମହାଭାରତ): ବିଭିନ୍ନ ଘରେ ସୁନା ଗହଣା ଚୋରି କରୁଥିବା ୪ଜଣ ଡ଼କାୟତ ଗିରଫ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ପାଟଣା ପୋଲିସ କୁ ବଡ଼ ସଫଳତା ମିଳିଛି । କେନ୍ଦୁଝର ଆରକ୍ଷୀକ ଅଧିକାରୀ ନିର୍ଦ୍ଦେଶ କ୍ରମେ ପାଟଣା ଥାନା ଅଧିକାରୀ ପ୍ରଧାନ ଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ୪ଜଣ ଆନ୍ତଃରାଜ୍ୟ ଡ଼କାୟତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୂଚନା ରୁ ପ୍ରକାଶ ଏମାନଙ୍କ ପାଖରୁ ସୁନା,ରୁପା ଗହଣା,ଅଳଙ୍କାର ସହ ୪ଗୋଟି ମୋବାଇଲ ଫୋନ ପୋଲିସ ଜବତ କରିଛି । ଗିରଫ ୪ଜଣ ଅଭିଯୁକ୍ତ ହେଲେ ସିଂଭୂମ୍ ଝାରଖଣ୍ଡ ଜିଲ୍ଲା ର ମଝିଗାଁ ଥନା ମଝିଗାଁ ଗ୍ରାମର ଏମ୍.ଡି. ରାହତ, ଏମ୍.ଡି. ସାହିଲ ,ଏମ୍.ଡି. ନାସରୁଦ୍ଦିନ ଏବଂ ଅନ୍ୟ ଜଣେ ଜଗନ୍ନାଥପୁର ଥାନା ଅନ୍ତର୍ଗତ ଜୟନ୍ତଗଡ଼ ଗ୍ରାମର ତପନ ବେହେରା । ତପନ ଙ୍କ ଏକ ସୁନା ଗହଣା ଦୋକାନ ରହିଥିବା ବେଳେ ଏମାନଙ୍କ ପାଖରୁ ଚୋରୀ ସୁନା ରୂପା ଆଦି ଜିନିଷ କମ ମୂଲ୍ୟ ରେ କିଣି ବ୍ୟବସାୟ କରିଆସୁଥିଲେ। ଏହି ୩ଜଣ ଅଭିଯୁକ୍ତଙ୍କ ନାମରେ ପାଟଣା, ଘଟଗାଁ ,ତୁରୁମୁଙ୍ଗା, ଝୁମ୍ପୁରା , ହରିଚନ୍ଦନପୁର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମ ରେ ଦିନ ଦିପହରେ ଘରେ ପଶି ସୁନା,ରୂପା ଅଳଙ୍କାର ସଫା କରିବା ବାହାନାରେ ଲୁଟ କରି ଚମ୍ପଟ ମାରୁଥିଲେ । ଏହି ୩ଜଣଙ୍କ ନାମରେ ପାଟଣା ଥାନା ରେ ୪ଟି ମକଦ୍ଦମା,ଘଟଗାଁ ଥାନା ରେ ୩ଟି ମକଦ୍ଦମା, ହରିଚନ୍ଦନପୁର ଥାନା ରେ ଗୋଟିଏ ମକଦ୍ଦମା, ତୁରୁମୁଙ୍ଗା ଥାନାରେ ୨ଟି ମକଦ୍ଦମା,ଝୁମ୍ପୁରା ଥାନା ରେ ୨ଟି ମକଦ୍ଦମା ରହିଥିବା ନେଇ ଘଟଗାଁ ଏସ୍.ଡି,ପି ଓ ପ୍ରଭାତ କୁମାର ତ୍ରିପାଠୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା ସହିତ ପାଟଣାଥାନା ଅଧିକାରୀ ବିବସ୍ପପ୍ରଧାନ,ଅତିରିକ୍ତ ଥାନା ଅଧିକାରୀ ଲକ୍ଷ୍ମଣ ମାଝୀ ଉପସ୍ଥିତ ଥିଲେ ।

## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ବେଗୁନିଆ,,(ମହାଭାରତ): ବେଗୁନିଆ ସଦର ମହାକୁମା ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି । ଗୁରୁତର ଆହତ ଯୁବକ ଜଣଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାପଡିଛି। ବେଗୁନିଆ ଥାନା ବାୟାପଲ୍ଲୀ ଗ୍ରାମର ମଧୁସୂଦନ ଗୁଆଲଙ୍କ ପୁଅ ବିପିନବିହାରୀ ଗୁଆଳ(୨୮) ଶନିବାର ବେଗୁନିଆ ବଜାରକୁ ବ୍ୟକ୍ତିଗତ କାମରେ ଆସିଥିଲା। କାମ ସାରି ନିଜ ବାଇକ୍ ଯୋଗେ ରାତି ପ୍ରାୟ ସାଢେ ୭ଟାରେ ଘରକୁ ଫେରୁଥିବା ବେଳେ ଏକ କାର ଅତି ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ବିପିନ ଏଥିରେ ଗୁରୁତର ହୋଇପଡ଼ିଥିଲାୟ ସ୍ଥାନୀୟ ଲୋକେ ଉଦ୍ଧାର କରି ଅଗ୍ନିଶମ ବାହିନୀ ସାହାୟତା ରେ ଖୋର୍ଦ୍ଧା ଜିଲା ମୁଖ୍ୟ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ବିପିନ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟଇଥିବା କାର ସହିତ ଚାଳକକୁ ଅଟକ ରଖି ବେଗୁନିଆ ଥାନା ଜିମା ଦେଇଥିଲେ। ବିପିନର ଭାଇ ସୁଧୀର ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିବା ବେଳେ ବେପରୁଆ ଗାଡି ଚାଳନା ପାଇଁ ଦୁର୍ଘଟଣା ଘଟିଥିବା କହିଛନ୍ତି।

## ଶରତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ

କପ୍ତିପଦା -(ମହାଭାରତ )- :କପ୍ତିପଦା - କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ସ୍ଥିତ ପଣ୍ଡିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ ଅକ୍ଷସରର ଆୟୋଜିତ ବୈଠକରେ ମହାବିଦ୍ୟାଳୟର ଅଧକ୍ଷ ଡ. ଭଗବାନ ପଣ୍ଡାଙ୍କ ପୌରହିତ୍ୟରେ ନବାଗତ +୨ ପ୍ରଥମ ବର୍ଷର କଳା ଛାତ୍ରଛାତ୍ରୀ ମାନେ ନିଜର ପରିଚୟ ପ୍ରଦାନ କରିଥିଲେ । ସଭାପତି ଡ. ପଣ୍ଡା ନିଜର ସ୍ୱାଗତ ଭାଷଣରେ ଛାତ୍ରଛାତ୍ରୀ ମାନଙ୍କୁ ମହାବିଦ୍ୟାଳୟର ନୀତିନିୟମ ଓ ଶୃଙ୍ଖଳାକୁ ରକ୍ଷା କରିବା ଓ ନିଜକୁ ଜୀବନ ପଥରେ ନିଜକୁ ସଜାଡି ନେଇ ସମାଜର ଜଣେ ଭଲ ମଣିଷ ହୋଇ ନିଜର ପରିଚୟ ସୃଷ୍ଟି କରିବା ବୋଲି ସୁପରାମର୍ଶ ପ୍ରଦାନ କରିଥିଲେ ।ମୁଖ୍ୟ ଅତିଥି ଭାବେ ଶିକ୍ଷା ବିଭାଗର ଅଧାପକ ଶ୍ରୀଯୁକ୍ତ ସିତକଣ୍ଠ ଦାସ , ମୁଖ୍ୟ ବକ୍ତା ଭାବେ ଇତିହାସ ବିଭାଗର ଅଧାପକ ଶ୍ରୀଯୁକ୍ତ ଅଶୋକ କୁମାର ସାହୁ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ସଂସ୍କାରୀ ହେବ। ଓ ଉତ୍ତମ ସମାଜ ଗଠନରେ ନିଜକୁ ନିୟୋଜିତ କରିବା ବୋଲି ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂରାଜୀ ଅଧାପକ ଶ୍ରୀ ମନୋରଞ୍ଜନ ବିହାରୀ , ଅର୍ଥନୀତି ଅଧାପକ ଶ୍ରୀ ଉମ୍ବରୁଧର ନାଏକ, ଦର୍ଶନ ଶାସ୍ତ୍ର ଅଧାପିକା ଶ୍ରୀମତୀ ପାଙ୍କାଜିନି ମହାନ୍ତ ଓ ଓଡ଼ିଆ ଅଧାପିକା ସୁଶ୍ରୀ ଗୀତାଞ୍ଜଳୀ ବେହେରା , ପ୍ରଦୀପ କୁମାର ଦଳେଇ , ଶରତ ପରିଡ଼ା ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ନିଜର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ଶେଷରେ ଶିକ୍ଷା ବିଭାଗର ଡେମୋନଷ୍ଟ୍ରେଟର ଶ୍ରୀ ବିଦ୍ୟାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ମହାବିଦ୍ୟାଳୟର କର୍ମଚାରୀ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ।




## ସୋଲାର କରେଣ୍ଟରେ ହାତୀର ମୃତ୍ୟୁ

ହିନ୍ଦୋଳ(ମହାଭାରତ)ହିନ୍ଦୋଳ ବନାଞ୍ଚଳ ରାସୋଳ ସେକ୍ସନ ଅନ୍ତର୍ଗତ ଆମ୍ବଲୁଣ୍ଡି ଗ୍ରାମ ଚାଷଜମି ନିକଟରେ ଆଜି ଏକ ଦନ୍ତାହାତୀ ଛୁଆର ମୃତ୍ୟୁ ହୋଇଛି। ତେବେ ହାତୀ ଛୁଆର ବୟସ ପାଖାପାଖି ୫ ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ସୋଲାର କରେଣ୍ଟ ଦ୍ୱାରା ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ବନବିଭାଗର ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ହିନ୍ଦୋଳ ବନାଞ୍ଚଳ ରେ ବାରମ୍ବାର ହାତୀ ମଣିଷ ଲଢେଇ ହେଉଥିଲେ ମଧ୍ୟ କେତେବେଳେ ହାତୀର ମୃତ୍ୟୁ ହେଉଛି ତ ଆଉ କେତେବେଳେ ମଣିଷର ମୃତ୍ୟୁ ହେଉଛି। ବାରମ୍ବାର ଏଭଳି ଅଘଟଣ ହେଉଥିଲେ ମଧ ବନବିଭାଗ ଠୋସ ପଦକ୍ଷେପ ଗ୍ରହଣ ନକରି ହାତୀ ମୃତ୍ୟୁ ଘଟିଲେ ଶବ ବ୍ୟବଚ୍ଛେଦ କରି ପୋତି ଦେଉଥିବା ବେଳେ ମଣିଷର ମୃତ୍ୟୁ ଘଟିଲେ ଅନୁକମ୍ପା ରାଶି ପ୍ରଦାନ କରି ଚୁପ୍ ବସିଯାଉଛି ।କିନ୍ତୁ କିଭଳି ଭାବରେ ହାତୀ ଏବଂ ମଣିଷର ମୃତ୍ୟୁକୁ କିଭଳି ରୋକାଯାଇ ପାରିବ ସେଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ଢେ଼ଙ୍କାନାଳ ବନଖଣ୍ଡ ଅଧିକାରୀ ଓ ହିନ୍ଦୋଳ ବନାଞ୍ଚଳ ଅଧିକାରୀ। କେବଳ ଏଥିରେ ପେଶି ହେଉଛନ୍ତି ସାଧାରଣ ଜନତା ଏବଂ ତଳିଆ କର୍ମଚାରୀ।

## ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ,(ମହାଭାରତ):ଆଜି ଜିଲ୍ଲାପାଳ ଶ୍ରୀ ଅବ୍ଦାଲ୍ ଏମ୍ ଅଖତାରଙ୍କ ଅଧ୍ୟକ୍ଷତାରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନଶୁଣାଣି ଶିବିରରେ ସମୁଦାୟ ୨୦୭ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୨୦୨ଟି ବ୍ୟକ୍ତିଗତ ଓ ୦୫ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ରେଡକ୍ରସ୍ ପାଣ୍ଠିରୁ ଜଣକୁ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଜନଶୁଣାଣୀ ଶିବିର ପରେ ଜିଲ୍ଲାପାଳ ୨ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ୩ ଚକିଆ ସାଇକେଲ ଓ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ସିଂହ, ଆଇ ଏ ଏସ୍ ପ୍ରୋବେସନରୀ ତେଜସ୍ୱିନୀ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁରେନ୍ଦ୍ରନାଥ ରାୟଗୁରୁ, ଡି.ଏଫ.ଓ ଶ୍ରୀ ସନ୍ତୋଷ କୁମାର କାପୁଲା, ଭାରପ୍ରାପ୍ତ ଉପଜିଲ୍ଲାପାଳ ଶ୍ରୀ ପ୍ରଭୂ ପିୟୁଷ ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୌଭାଗ୍ୟ ବେହେରାଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ସେହିପରି ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମୁଦାୟ ୫୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମାଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

## ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲଙ୍କ ଦିନିଆ ଗଜପତି ଗସ୍ତ



ଗଜପତି(ମହାଭାରତ):ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲ ଏକ ଦିନିଆ ଗଜପତି ଗସ୍ତ ଆସିଥିଲେ। ପାରଳାଖେମୁଣ୍ଡିରେ ପହଞ୍ଚି ଜିଲ୍ଲାରେ ଦଳୀୟ ସ୍ଥିତିକୁ ସମୀକ୍ଷା କରିବା ସହ ଆଗାମୀ ଦିନରେ ଭାଜପା ସରକାର ନିଜ ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ଓ ନାରୀ ଶିକ୍ଷା, ଗମନାଗମନର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ସରକାର ଗଠନ ହେବାର କଣ ସବୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।ସେହି ତମାମ ତଥ୍ୟକୁ ନେଇ ପାରଳାଖେମୁଣ୍ଡି ସର୍କିଟ ହାଉସରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନ କରିଛନ୍ତି ।ମୁଖ୍ୟତଃ ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି ,ଇତ୍ୟାଦିର ମୋହନ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଥିବା ସେ କହିଛନ୍ତି ।ଏତଦ୍ବ୍ୟତୀତ ଗ୍ରାମାଞ୍ଚଳ ସ୍ତରରୁ ପରିବହନ, ପରିମଳ ଓ ପାନୀୟ ଜଳର ସୁବିଧା ଯୋଗାଇବା ପାଇଁ ସରକାର ଚଳିତ ବଜେଟରେ ମୁଖ୍ୟତଃ ଧ୍ୟାନ ଦେଇଛନ୍ତି ।କୃଷି ଓ କୃଷକଙ୍କ କ୍ଷେତ୍ରରେ ଧାନର ଏମ୍‌ଏସ୍‌ପି ... ଏଫେକ୍ୟୁ ମୂଲ୍ୟ ବୃଦ୍ଧି ସମସ୍ତ ଜିଲ୍ଲାରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ମେଡ଼ିକାଲ କଲେଜ ପ୍ରତିଷ୍ଠା ଏବଂ ୫ ଟି ନାମରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ତଦନ୍ତ,ଗଜପତି ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ କରୁଥିବାରୁ ଏହାର ପୂର୍ବ ସୂଚନା ଲାଗି ଆଇ ଆଇ ଟି ଖଡ଼ଗପୁର ସହ ଯୋଗାଯୋଗ କରାଯାଇ ଆବଶ୍ୟକୀୟ ବୈଷୟିକ ଭିତ୍ତିଭୂମି ପ୍ରତିଷ୍ଠା କରାଯିବ ଏହା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇ ଥିବା ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନ କରିଛନ୍ତି।

## ମରାଣାନ୍ତକ ଆକ୍ରମଣ କାରି ଯୁବକ ଗିରଫ

କାକଟପୁର, (ମହାଭାରତ): ଗତ ୩ ତାରିଖ ରେ ରାତ୍ର ୧୦ ଘଟିକା ସମୟ ରେ କାକଟପୁର ବ୍ଲକ ନରୁଆ ଶଙ୍କରେଶ୍ୱର ଗ୍ରାମ ର ଦିଲ୍ଲୀପ କୁମାର ପୃଷ୍ଟି ତାର ମଟର ସାଇକେଲ ଧରି ଘରକୁ ଫେରୁଥିବା ସମୟ ରେ କୁଣ୍ଡେଇ ନିକଟରେ ତାପସ ବେହେରା (୨୭) ଡାକ ନାମ ହଟିଆ, ପିତା ମାନସ ବେହେରା,ଯାହାର ଘର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ କିନ୍ତୁ ବର୍ତ୍ତମାନ କୁଣ୍ଡେଇ ବଜାର ନିକଟରେ କଳଘର ପାଖରେ ରହୁଛି ହଟାତ ଦିଲୀପ ଙ୍କୁ ଅଟକାଇଥିଲା । କିଛି ଘଟଣା କୁ ନେଇ ମାରଣାସ୍ତ୍ର (କଟୁରୀ )ରେ ଆକ୍ରମଣ କରିଥିଲା, ଘଟଣା ସ୍ଥଳରେ ଦିଲ୍ଲୀପ ଙ୍କର ଅତ୍ୟଧିକ ରକ୍ତସ୍ରାବ ହୋଇ ଦିଲ୍ଲୀପ ପଡିଯାଇଥିଲେ। ଏହି ସୂଚନା ପାଇ ଦିଲ୍ଲୀପ ଙ୍କ ପରିବାର ଲୋକ ସ୍ଥାନୀୟ ଲୋକ ଙ୍କ ସହାୟତା ରେ ତାଙ୍କୁ ପ୍ରଥମେ ବାଙ୍ଗୁରୀ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର । ପରେ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଥିଲେ ସେଠି ଅବସ୍ଥା ଗୁରୁତ୍ୱପୂର୍ଣ୍ଣ ହେବାରୁ ପରେ ଦିଲ୍ଲୀପ ଙ୍କୁ ଭୁବନେଶ୍ୱର ୬ ନମ୍ବର ସ୍ଥିତ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଦିଲ୍ଲୀପ ଚିକିତ୍ସାଧୀନ ଅବସ୍ଥା ରେ ଆଛନ୍ତି ଅପରପକ୍ଷ ରେ ଏହି ଘଟଣା ଉପରେ ଦିଲ୍ଲୀପ ଙ୍କ ପରିବାର ତରଫରୁ କାକଟପୁର ଥାନା ରେ ଏକ ଲିଖିତ ଏତଲା ହୋଇଥିଲା, ଏତଲା କୁ ଭିତ୍ତି କରି ୧୬୦/୨୪ କେଶ ନମ୍ବର ରେ ମାମଲା ରୁଜୁ କରି ନିଜେ ଥାନା ଅଧିକାରୀ ଶ୍ରୀଯୁକ୍ତ ବିଜୟ କେତନ ବେହେରା ଘଟଣା ର ତଦନ୍ତ କରିଛନ୍ତି। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ର ସହାୟତା ନେଇ ମୁଦାଲା ତାପସ ବେହେରା (ହଟିଆ )କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଘଟଣା ର ଅଧିକ ତଦନ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି, କାକଟପୁର ପୋଲିସ ର ତୁରନ୍ତ ଆସାମୀ କୁ ଧରି କାର୍ଯ୍ୟାନୁଷ୍ଠାନ ନେବା ପଦକ୍ଷେପ କୁ ବୁଦ୍ଧିଜୀବୀ ମାନଙ୍କ ମହଲ ରେ ପ୍ରଶଂସା କରାଯାଇଛି ।

## ବଜେଟକୁ ନେଇ ସାମ୍ବାଦିକ ସମ୍ମିଳନୀ କଲେ ବିଜେପି ସାଂସଦ ସୁକାନ୍ତ ପ୍ରାଣିଗ୍ରାହୀ

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ବିଜେପି ସଭାପତି ଜଗନାଥ ସାହୁଙ୍କ ସଭାପତିତ୍ୱରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବିଜେପି ନେତା ତଥା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମାଚରଣ ମଲିକ ଯୋଗଦେଇ ବଜେଟ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଓଡ଼ିଶାରେ ବିଜେପିର ପ୍ରଥମ ସରକାର ଯିଏକି ରାଜନୈତିକ ସଂସ୍କୃତି ପ୍ରତିଷ୍ଠା କରିଛି । ନିର୍ବାଚନ ବେଳେ ସଂକଳ୍ପ ପତ୍ରରେ ଲୋକଙ୍କୁ ଦେଇଥିବା ପ୍ରାୟ ସମସ୍ତ ପ୍ରତିଶୃତି ପାଳନ କରିଛି । ପ୍ରଥମ ବଜେଟ ରେ ହିଁ ବ୍ୟୟ ବରାଦ କରି ଏକ ନୂତନ ପରମ୍ପରା ସୃଷ୍ଟି କରିଥିବା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ କହିଛନ୍ତି । ବିଜେପି ସରକାରର ବଜେଟ ସର୍ବ ସ୍ପର୍ଶୀ, ସାମଗ୍ରିକ ବିକାଶ, ମହିଳା, କୃଷକ ଯୁବକ ଯୁବତୀ, ବୃଦ୍ଧ,ବୃଦ୍ଧା ଓ ଗରିବ ଲୋକଙ୍କ ପାଇଁ ସମର୍ପିତ ବୋଲି ସାଂସଦ ପାଣିଗ୍ରାହୀ କହିଥିଲେ । ବିଜେପିର ସଂକଳ୍ପ ପତ୍ରରେ ଥିବା ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ପାଇଁ ରାଜ୍ୟସରକାର ନିଷ୍ପତି ନେଇଛନ୍ତି । ତେବେ ବିଜେଡି ୨୫ ବର୍ଷରେ ମହିଳାମାନଙ୍କୁ କେବଳ ରାଜନୈତିକ ସ୍ୱାର୍ଥ ସାଧନରେ ହିଁ ବ୍ୟବହାର କରୁଥିଲା । ଧାନର କ୍ରୟ ମୂଲ୍ୟ ୩୧୦୦ ଶହ ଟଙ୍କା କରିବାପାଇଁ ବ୍ୟୟବରାଦ କରାଯାଇଛି । ବୟସ୍କ ବ୍ୟକ୍ତି ମାନଙ୍କୁ ସାମାଜିକ ସୁରକ୍ଷା ପାଇଁ ମାସିକ ୩୫ ଶହ ଟଙ୍କା ଭତ୍ତା ପାଇଁ ମଧ୍ୟ ବଜେଟରେ ବ୍ୟବସ୍ଥା ହୋଇଛି ବୋଲି କହିଥିଲେ । ସେହିପରି ଫୁଲବାଣୀ ବିଧାୟକ ଉମାଚରଣ ମଲିକ ଯୋଗଦେଇ ଗତ ୨୪ ବର୍ଷ ରେ ବିଜେଡି ସରକାରର ନେତା, କର୍ମୀ ଓ କର୍ମଚାରୀ ମାନେ ଦୁର୍ନୀତିରେ ବୁଡି ରହିଥିଲେ, ସେଭଳି କିଛି ଆଖୁ ଦୃଶିଆ କାର୍ଯ୍ୟ କରିନଥିବା କହିଥିଲେ । ପୂର୍ବତନ ସରକାର କୃଷକ ମାନଙ୍କୁ ସମ୍ପୂର୍ଣ ଅଣଦେଖା କରିବା ସହ ଚାଷଜମି କୁ ଜଳସେଚନ ବ୍ୟବସ୍ଥା କରିବାକୁ ପ୍ରତିଶୃତି ଦେଇ ଭୁଲିଗଲେ ।ବିଜେପି ସରକାର କୃଷକ ମାନଙ୍କୁ ଅଗ୍ରାଧିକାର ଦେଉଥିବା ବିଧାୟକ ମଲିକ ଆହୁରି କହିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଭଗବାନ ମହାନ୍ତି, ଜିଲ୍ଲା ଯୁବ ବିଜେପି ସଭାପତି ମୁକ୍ତିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




## ନନ୍ଦି ଗୋସେଭା କେନ୍ଦ୍ର ପକ୍ଷରୁ ପ୍ରସିଦ୍ଧ ଶୈବ ପୀଠ ମୁର୍ଗା ମହାଦେବ ଠାରେ ସଫେଇ କାର୍ଯ୍ୟକ୍ରମ

ଯୋଡ଼ା(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତ ସ୍ଥିତ ପ୍ରସିଦ୍ଧ ଶୈବ ପୀଠ ମୁର୍ଗା ମହାଦେବ ମନ୍ଦିରରେ ସଫାଇ କରିଛନ୍ତି ଯୋଡ଼ାର ନନ୍ଦୀ ଗୋସେବା କେନ୍ଦ୍ରର ସ୍ୱେଚ୍ଛାସେବୀ ଯୁବକ ମାନେ କ୍ଷଶ୍ରାବଣ ମାସ ଦ୍ୱୀତୀୟ ସୋମବାର ଜଳାଭିଷେକରେ ପ୍ରବଳ ଭକ୍ତଙ୍କ ଭିଡ଼କୁ ଲକ୍ଷ କରି ଆଜିର ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ମୁର୍ଗା ମହାଦେବ ମନ୍ଦିରକୁ ରାଜ୍ୟ ଓ ରାଜ୍ୟ ବାହାରର ବହୁ ଶ୍ରଦ୍ଧାଳୁ ଆସିଥାନ୍ତି ଶ୍ରାବଣ ମାସରେ ଜଳାଭିଷେକ କରି ପୁଣ୍ୟ ଅର୍ଜନ କରିବାକୁ । ପ୍ରତିବର୍ଷ ପରି ଏହି ବର୍ଷ କାଉଡିଆ ଶୈବଭକ୍ତଙ୍କର ପ୍ରବଳ ଜନସମାଗମ ଦେଖିବାକୁ ମିଳୁଛି । ଜନସାମାଗମ ଦୃଷ୍ଟିରୁ ଏହି ସ୍ଥାନରେ ବହୁ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକାର ପରିବେଶ ସୃଷ୍ଟି ହେଉଛି । ସେଥିପାଇଁ ଯୋଡ଼ା ଗୋ-ସେବା କେନ୍ଦ୍ର ଯୁବକ ଗୋଷ୍ଠୀ ମାନେ ଏଠାରେ ପହଁଚି ଏହି ସ୍ଥାନଟିକୁ ସଫାଇ କରିଛନ୍ତି । ସ୍ଥାନୀୟ ଅଧିବାସୀ ଓ ଦୂର ଦୁରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ମାନେ ଯୁବକ ମାନଙ୍କର ଏପରି ସେବାମନବୃତି କାର୍ଯ୍ୟପାଇଁ ବହୁତ ପ୍ରଶଂସା କରିଛନ୍ତି। ଯୋଡ଼ା ପୌରପାଳିକା ଅଞ୍ଚଳରେ ଏହି ନନ୍ଦୀ ଗୋସେବା କେନ୍ଦ୍ରର ଯୁବକ ମାନେ ଗୋସେବା ଓ ବିର୍ଭିଣ୍ଣ ସାମାଜିକ କାର୍ଯ୍ୟକ୍ରମ ପାଇଁ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପୂର୍ବରୁ ପୁରସ୍କୃତ ଓ ପ୍ରଶଂସା ପତ୍ର ପାଇଛନ୍ତି । ଆଜିର ଏହି ସଫାଇ କାର୍ଯ୍ୟକ୍ରମ କିଶୋର ବାରିକଙ୍କ ତତ୍ତ୍ୱାବଧାନରେ ପ୍ରାୟ କୋଡିଏରୁ ଉର୍ଦ୍ଧ ଯୁବକ ମାନଙ୍କ ଦ୍ୱାରା ହୋଇଥିଲା ।



## ମାର ପିଟ ହୋଇ ଯୁବକର ମୃତ୍ୟୁ ଅଭିଯୋଗ

# ଘଟଣାରେ ଜଣେ ଅଟକ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ



**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ବଜାର ଦାସ ସାହିର ଜଣେ ଯୁବକଙ୍କୁ ତରାମରା ଗ୍ରାମରେ ଗତ ଶନିବାର ପ୍ରବଳ ମାଡ଼ ପରେ ଯୁବକଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ଜଣକୁ ଆଣି ଥାନାରେ ଅଟକ ରଖିଛି । ଘଟଣାରୁ ପ୍ରକାଶଯେ, ଠାକୁରମୁଣ୍ଡା ଦାସ ସାହିର ଦୁର୍ଯ୍ୟୋଧନ ବାହୁବଳେନ୍ଦ୍ରଙ୍କ ପୁଅ ସନ୍ତୋଷ (୨୫) ଗତ ଶନିବାର ସନ୍ଧ୍ୟା ରେ ତାଙ୍କ ସାଙ୍ଗ ତରାମରା ଗ୍ରାମର ବୀରେନ୍ଦ୍ର ବେହେରାଙ୍କ ଘରକୁ ବୁଲିବାକୁ ଯାଇଥିଲେ। ସାଙ୍ଗରେ ଯାଇ ଥିଲେତାଙ୍କ କକା ପୁଅ ଗୁରୁଚରଣ ବାହୁ ବଳେନ୍ଦ୍ର। ଉଭୟ ବୀରେନ୍ଦ୍ରଙ୍କ ପାଖରେ ପହଞ୍ଚିବା ପରେ ମିଳିମିଶି ପତ୍ରତୋଳା ସାହିକୁବାଇକ ଯୋଗେ ଯାଇଥିଲେ । ସେଠାରୁ ଫେରି ସେମାନେ ତରାମରା ଗ୍ରାମର ହୁଡ଼ି ସାହିକୁ ଯାଇ ସେଠାରୁ ଫେରି ରାତି ପ୍ରାୟ ୭ ଟା ପରେ ଗାଁ ଛକରୁ ଠାକୁରମୁଣ୍ଡାକୁ ଫେରିଯିବାକୁ ସେମାନଙ୍କୁ କହି ନିଜ ଘରକୁ ଫେରିଯାଇଥିଲା ବୀରେନ୍ଦ୍ର । ବୀରେନ୍ଦ୍ର ଯିବା ପରେ ସନ୍ତୋଷ ଏବଂ ସ୍ଥାନୀୟ ପିଲାମାନଙ୍କ ସହ କୌଣସି କାରଣ ରୁ ଗଣ୍ଡଗୋଳ ହୋଇଥିଲା । ଫଳରେ ସ୍ଥାନୀୟ ପିଲା ସନ୍ତୋଷକୁ ମାଡ଼ ଦେଇଥିବାର ଅଭିଯୋଗ ହୋଇଛି । ଗଣ୍ଡଗୋଳ ଖବର ପାଇ ପରିବାର ଲୋକେ ଅଟୋ ଯୋଗେ ତରାମରା ଯାଇ ଆହତ ଅବସ୍ଥାରେ ସନ୍ତୋଷ କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାତି ପ୍ରାୟ ୧୧ ଟା ବେଳେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ମାତ୍ର ସ୍ଥିତି ଗୁରୁତର ଥିବାରୁ ରବିବାର ଦିନ ସନ୍ତୋଷକୁ କରଞ୍ଜିଆ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା କରଞ୍ଜିଆ ପହଞ୍ଚିବା ପୂର୍ବରୁ ରାସ୍ତାରେ ସକାଳ ପ୍ରାୟ ୯ ଟା ସମୟରେ ସନ୍ତୋଷର ପ୍ରାଣବାୟୁ ଉଡିଯାଇଥିଲା । କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ପରେ ପରିବାର ପକ୍ଷରୁ ଠାକୁରମୁଣ୍ଡା ଥାନାରେ ରବିବାର ରାତିରେ ଏତଲା ଦାଏର ପରେ ଶବକୁ କରଞ୍ଜିଆ ଠାରେ ବ୍ୟବଚ୍ଛେଦ ପରେ ସୋମବାର ଶବକୁ ଅଣା ଯାଇଥିଲା। ଶବ ଆଣିବା ପରେ ଠାକୁରମୁଣ୍ଡା ହନୁମାନ ଛକ ରେ ଶବ ଗାଡି କୁ ରଖି ସମସ୍ତ ଦୋଷୀଙ୍କୁ ଗିରଫ ଦାବିରେ ଗ୍ରାମବାସୀ ମାନେ ପ୍ରାୟ ୧ ଘଣ୍ଟା ଧରି ରାସ୍ତା ଅବରୋଧ କରି ରଖିଥିଲେ। ପୋଲିସ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟି ଥିଲା। ପୋଲିସ ଏହି ଘଟଣା ରେ ସାନିଟିଫିକ ଟିମ ନେଇ ତଦନ୍ତ ଆରମ୍ଭ କରିଛି । ପୋଲିସ ସନ୍ତୋଷର ବନ୍ଧୁ ବୀରେନ୍ଦ୍ରକୁ ଅଟକ ରଖି ଆସାମୀଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି । ଖୁବ ଶୀଘ୍ର ଆସାମୀ ଧରାପଡ଼ିବେ ବୋଲି ପୋଲିସ କହିଛି ।

# ଗୋରୁଗାଈଙ୍କ କବ୍‌ଜାରେ ଜାତୀୟ ରାଜପଥ



**ବ୍ୟାସନଗର,(ମହାଭାରତ) :** ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲିଠାରୁ ଅନ୍ଧାରୀ ଛକ ମଧ ଦେଇଯାଇଥିବା ୨୦ନଂ ଜାତୀୟ ରାଜପଥରେ ମାଳମାଳ ଗୋରୁଗାଈ ଖୋଲାମେଲାରେ ବିଚରଣ କରୁଥିବା ପରିଲକ୍ଷିତ ହେଉଛି। ଏପରିକି ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଶୋଇ ରହି ରାସ୍ତାକୁ ଅବରୋଧ କରୁଛନ୍ତି। କହିବାକୁ କି ଜଗିବାକୁ କିଏ ଅଛି ? ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ବହୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବେଳେବେଳେ ପରସ୍ପର ମଧ୍ୟରେ ଲଢ଼େଇ ଲାଗି ଦୁର୍ଘଟଣାର କାରଣ ସାଜୁଛନ୍ତି। ଯାହାକି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଦିନ ଥିଲା ଖୋଲାମେଲାରେ ଛାଡ଼ି ଦେଉଥିବା ଗାଈଗୋରୁଙ୍କୁ ନିୟନ୍ତ୍ରଣ କରିବା ପାଇଁ କାଞ୍ଜିଆହୁଦା ରହିଥିଲା। ବୁଲା ଗାଈଗୋରୁଙ୍କୁ ଲୋକେ କାଞ୍ଜିଆହୁଦାକୁ ନେଇ ଯାଉଥିଲେ । ଏମାନଙ୍କୁ ମୁକୁଳାଇବା ପାଇଁ ଗୋରୁ ମାଲିକ ଅର୍ଥ ଦଣ୍ଡ ଗଣୁଥିଲେ ଓ କାଞ୍ଜିଆହୁଦାକୁ ଭୟ ମଧ୍ୟ କରୁଥିଲେ। ତେଣୁ ନିଜ ହେପାଜତରେ ଗାଈଗୋରୁଙ୍କୁ ରଖୁଥିଲେ। ଏବେ ଏହି ବ୍ୟବସ୍ଥା ଆଉ ଦେଖିବାକୁ ମିଳୁନି। ତେଣୁ ଗୋରୁ ମାଲିକ ବେଫିକର ହୋଇପଡ଼ିଛନ୍ତି। ଖୋଲା ଛାଡ଼ିଦେଉଛନ୍ତି ଗାଈଗୋରୁ। ଗୋରୁ ଚରାଇବା ପାଇଁ କିଛି ଗୋରୁ ମାଲିକ ଗୋରୁ ଚରାଳୀ ରଖୁ ନ ଥିବା ଆଲୋଚନା ହେଉଛି। ତେଣୁ ରାସ୍ତା ପାର୍ଶ୍ୱରେ ଥିବା ଗ୍ରାମର ଗୋରୁ ବହୁ ସଂଖ୍ୟାରେ ରାସ୍ତା ପାର୍ଶ୍ୱ ଓ ଡିଭାଇଡର ମଝିରେ ଉଠିଥିବା ଘାସ ଖାଇବା ପାଇଁ ଚାଲିଆସୁଛନ୍ତି। ଏମାନଙ୍କୁ ଜଗାରଖା କରିବାକୁ କେହି ନ ଥିବାରୁ ଏମାନେ ମନଇଚ୍ଛା ରାସ୍ତାରେ ବୁଲିବା, ପରସ୍ପର ମଧ୍ୟରେ ଲଢ଼େଇ ଲାଗିବା ସହିତ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଶୋଇ ରହୁଛନ୍ତି। ଏପରିକି ରାସ୍ତାରେ ଧାଁଧପଡ କରୁଛନ୍ତି। ଫଳରେ ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ୍ ଚାଳକଙ୍କ ପାଇଁ ଏହା ଅଧିକ ବିପଦ ସାବ୍ୟସ୍ତ ହେଉଛି। ମାଲିକଙ୍କ ଏଭଳି ମନୋଭାବ ଯୋଗୁଁ ଗାଡ଼ି ଚାଳକ ଓ ପଥଚାରୀଙ୍କ ପାଇଁ ବହୁ ସମସ୍ୟା ସୃଷ୍ଟି ହେଉଛି। ଗମନାଗମନର ସୁବିଧା ପାଇଁ ରାସ୍ତା ଉପରକୁ ଆସୁଥିବା ଗୋରୁଙ୍କୁ ମାଲିକ ସଚେତନ ହୋଇ ନିଜ ଅକ୍ତିଆରରେ ରଖିବାକୁ ଦାବି ହେଉଛି । ଏଥିସହିତ ଯେଉଁ ମାଲିକ ବେଫିକର ମନୋଭାବ ନେଇ ଗୋରୁ ଛାଡୁଛନ୍ତି ପ୍ରଶାସନ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହ ରେ ଆସନ୍ତା ୭୮ତମ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ ହୋଇ ଛି । ପାଟଣା ବିଡ଼ିଓ ଶିବପ୍ରଶାଦ ମୁର୍ମୁ ଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ ଯୋଗଦାନ କରିଥିଲେ। ଏହି ସ୍ୱାଧିନତା ଦିବସ ପ୍ରସ୍ତୁତି ବୈଠକରେ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ,ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ, ଅତିରିକ୍ତ ବିଡ଼ିଓ ଚିତ୍ତରଞ୍ଜନ ନାଏକ,ବନପାଳ ଅଧିକାରୀ ପିଅନ ନାଏକ,ତହସିଲ ସୁପର ଭାଇଜର ବନମାଳୀ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁବେନ୍ଦୁ ସାଗର କୁମାର ନାୟକ, ଅଗ୍ନିଶମ ଅଧିକାରୀ ରମେଶ ଦାସ, କୃଷି ଅଧିକାରୀ ପରେଶ ଦାଶ୍, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧ ମାଝୀ ଙ୍କ ଉପସ୍ଥିତ ରେ ସ୍ୱାଧିନତା ଦିବସ ର ସୁପରିଚାଳନା କରାଯିବ ତଥା ପାଟଣା ଅଞ୍ଚଳ ର ସରକାରୀ ବେସେକାରୀ ଶିକ୍ଷା, କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ ସମୟ ଧାର୍ଯ୍ୟ କରାଯାଇ ଛି। ଏହି ବୈଠକରେ ପାଟଣା ଅଞ୍ଚଳର କଲେଜ,ସ୍କୁଲ,ଶିଶୁ ମନ୍ଦିର ଅଧ୍ୟାପକ, ଶିକ୍ଷକ, ଶିକ୍ଷୟତ୍ରୀ ଓ ବିଭିନ୍ନ କାର୍ଯ୍ୟାଳୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।



# ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଗଠିତ ହେବ ଆଲୁମିନି ଆସୋସିଏସନ



**ପାରାଦୀପ,(ମହାଭାରତ) :** ପାରାଦୀପ ମହାବିଦ୍ୟାଳୟ ଓଡ଼ିଶା ମାନଚିତ୍ରରେ ଏକ ସୁନାମଧନ୍ୟ ଓ ଅଗ୍ରଣୀ ମହାବିଦ୍ୟାଳୟ ଭାବରେ ପରିଗଣିତ। ଆସନ୍ତା ଅଗଷ୍ଟ ୧୨ ତାରିଖ ଦିନ ମହାବିଦ୍ୟାଳୟ ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି । ତେଣୁ ଏହାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଏହି ବର୍ଷ ପାଳନ କରାଯିବାର ଯୋଜନା ରହିଛି । ଏଥିନିମନ୍ତେ ପ୍ରାକ୍ତନ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଆଲୁମିନି ଆସୋସିଏସନ୍ ଗଠନ କରିବାର ପ୍ରୟାସ କରାଯାଉଛି । ଏହି ପରିପ୍ରେକ୍ଷୀରେ ସୋମବାର ଦିନ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷା ଡ଼ଃ. ସସ୍ମିତା ଶତପଥୀ ଗଣମାଧ୍ୟମ ଜରିଆରେ ସମସ୍ତ ପୁରାତନ ଛାତ୍ରଛାତ୍ରମାନଙ୍କୁ ଅନୁରୋଧ କରିଛନ୍ତି ଯେ, ସେମାନେ ୧୧.୦୮.୨୦୨୪ ରିଖ (ରବିବାର) ଦିନ ୧୦ ଟା ୩୦ ମିନିଟ ସମୟରେ କଲେଜ ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି ଏ ପ୍ରକ୍ରିୟାରେ ସାହାଯ୍ୟ ଓ ସହଯୋଗ କରିବେ। ଏହି ବିଷୟରେ ଅଧିକ ତଥ୍ୟ ପାଇଁ ୯୯୩୭୧୯୧୨୭୪, ୯୪୩୭୧୮୩୬୦୪, ୯୪୩୭୩୧୬୧୪୨, ୭୯୭୮୫୮୪୨୧୩, ୮୩୨୮୯୯୪୮୦୯ ମୋବାଇଲ ନମ୍ବର ରେ ଯୋଗାଯୋଗ କରିବାକୁ ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦୋଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର, ଗଣେଶ୍ୱର ପାତ୍ର, ଜଗମୋହନ ମିଶ୍ର, ବି.ଏନ.ବିଶ୍ୱାଳ, ଡ଼ଃ.ଏନ.ପି.ମହାପାତ୍ରଙ୍କ ସମେତ କଲେଜ ର କର୍ମଚାରୀ ଉପସ୍ଥିତ ଥିଲେ ।

# ବରପଦର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



**ପାଟଣାଗଡ,(ମହାଭାରତ) :** ପାଟଣାଗଡ଼ ବ୍ଲକ ବରପଦର ଗ୍ରାମ/ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆଜି ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ମୋଟ ୫୦୦ ରୁ ଉର୍ଦ୍ଧ ଅଭିଯୋଗ କାରି ଲମ୍ବା ଧାଡ଼ିରେ ଠିଆହୋଇ ରେସନ କାର୍ଡ , ବାର୍ଦ୍ଧକ୍ୟ ଭର୍ତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଅଭିଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣାଗଡ ବିଡିଓ ସୁମନ ମିଞ୍ଜ ଓ ତହସିଲଦାର ରୁଦ୍ରମୋହନ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିପିଓ ନିଳକଣ୍ଠ କାଲସାଏ ,ସରପଞ୍ଚ ସୁବାଷ ମେହେର , ଇଓ କୃପାମୟ ପାଣିଗ୍ରାହିଙ୍କ ସମେତ ସମସ୍ତ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ରହି ଥିଲେ ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର



**ଭବାନୀପାଟଣା ,(ମହାଭାରତ) :** ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲ୍ଲାପାଳ ଧର୍ମଗଡ ଧିମନ୍ ଚକମାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୨୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୬୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୪୦ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୧୩ଟି ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୩ଜଣ ଙ୍କୁ ଏବଂ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ସହାୟତା ମଞ୍ଜୁର କରାଯାଇଥିଲା

# ସିକ୍ୟୁରିଟି ଗାର୍ଡଙ୍କ ମାଡ଼ରେ ଗ୍ରାହକ ଆହତ

**ଅନୁଗୋଳ,(ମହାଭାରତ):** ଅନୁଗୋଳ ସହରରେ ଅବସ୍ଥିତ ଏକ ଶୋରୁମର ସିକ୍ୟୁରିଟି ଗାର୍ଡଙ୍କ ମାଡ଼ରେ ମହିଳା ଗ୍ରାହକ ଓ ତାଙ୍କ ସ୍ୱାମୀ ଆହତ ।ଅନୁଗୋଳ ସହରରେ ଅବସ୍ଥିତ ଷ୍ଟାଇଲ ବଜାର ଶୋରୁମକୁ ଆଜି ମୁକ୍ତାର ଅଲ୍ଲୀ ନିଜ ପରିବାର ସହ ସପିଂ କରିବାକୁ ଯାଇଥିଲେ । ସପିଂ କରି ସାରି ଫେରିବା ସମୟରେ ଭୁଲ ବଶତଃ ମୁକ୍ତାରଙ୍କ ସ୍ତ୍ରୀ ଏଣ୍ଟ୍ରି ଗେଟ ଦେଇ ବାହାରିବା ସମୟରେ ଏହାକୁ ନେଇ ସେଠାରେ ଉପସ୍ଥିତ ମହିଳା ସିକ୍ୟୁରିଟି ଗାର୍ଡ ବାରଣ କରିଥିଲେ ।ଏହା ପରେ ସେ ଏକଜିଟ ଗେଟ ଦେଇ ବାହାରିବା ସମୟରେ ଏହାକୁ ନେଇ ସେଠାରେ ଉପସ୍ଥିତ ଜଣେ ପୁରୁଷ ସିକ୍ୟୁରିଟି ଗାର୍ଡ କିଛି କହିଥିଲେ । ଯାହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଉଚ୍ଚବାଚ ହୋଇଥିଲା । ଏହି ସମୟରେ ହଠାତ ସିକ୍ୟୁରିଟି ଗାର୍ଡ ଗ୍ରାହକଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ପରେ ଶୋ ରୁମ ସିକ୍ୟୁରିଟି ଗାର୍ଡଙ୍କ ପକ୍ଷରୁ ମଧ ପାଲଟା ଅଭିଯୋଗ ହୋଇଥିବାବେଳେ ଏ ନେଇ ପୋଲିସ ତଦନ୍ତ ଜାରି ରଖିଛି ।

# ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**କରଞ୍ଜିଆ,(ମହାଭାରତ) :** ବ୍ଲକ ସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଠାକୁରମୁଣ୍ଡା ବ୍ଲକ ସଭା ଗୃହରେ ସୋମବାର ଦିନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏବିଡିଓ ଟଙ୍କଧର ମହାନ୍ତ, ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମିଶ୍ର, ସାମ୍ବାଦିକ ଶରତ ତ୍ରିପାଠୀ, ଗିରିଶ ଚନ୍ଦ୍ର ମହାନ୍ତ, ଶିକ୍ଷକ ଲକ୍ଷ୍ମୀଧର ମହାନ୍ତ,ପ୍ରଧାନଶିକ୍ଷକ



ବଳରାମ ସ୍ୱାଇଁ, ନନ୍ଦ କିଶୋର ବାରିକ, ସାମ୍ବାଦିକ ଚକ୍ରଧର ଦାସ,ଏପିଓ ଧାନଚାନ୍ଦ ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସର ରେ ବୈଠକରେ ଜାତୀୟ ଦିବସ ପାଳନ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା ।ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ ରେ ଅୟୋଜିତ ହେବାକୁ ଥିବା ସ୍ୱାଧୀନତା ଦିବସର ଜାତୀୟ ପତାକା ସକାଳ ୮:୪୫ ମିନିଟ ସମୟରେ ଉତ୍ତୋଳନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା ।ଅଗଷ୍ଟ ୧୫ ତାରିଖ ପୂର୍ବରୁ ବିଦ୍ୟାଳୟ ମାନଙ୍କ ରେ ଛାତ୍ର/ଛାତ୍ରୀ ମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଅୟୋଜିତ ହୋଇ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ଙ୍କୁ ଜାତୀୟ ପତାକା ଉତ୍ତୋଳନ ପାରେ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଥିଲା ।ଏଥି ସହିତ ପ୍ୟାରେଡ଼ ଅଂଶ ଗ୍ରହଣ କରିଥିବା ବିଦ୍ୟାଳୟ ଗୁଡିକ ମଧ୍ୟରୁ ବିଜେତା ପ୍ୟାରେଡ଼ ଦଳ, ହାଇସ୍କୁଲ ବୋର୍ଡ ପରୀକ୍ଷା ରେ ବ୍ଲକର ସର୍ବୋଚ୍ଚ ନମ୍ବର ରଖିଥିବା ପରୀକ୍ଷାର୍ଥୀ ଙ୍କୁ ପୁରସ୍କୃତ କରାଯିବା କୁ ନିଷ୍ପତ୍ତି ନିଆଯାଇଥିଲା।

# ଶୁଖିଲା ଗଛ କାଟିବାକୁ ଦାବି

**କନ୍ଧମାଳ,(ମହାଭାରତ) :** ବିପଦ ସଙ୍କୁଳ ଅବସ୍ଥାରେ ରାସ୍ତା କଡ଼ରେ ଅଛି ଶୁଖିଲା ଗଛ କାଟିବାକୁ ଦାବି । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଆଡାସିପଡା ପଞ୍ଚାୟତ ବଡଭୁଇଁ ଠାରେ ଏକ ଆମ୍ବ ଗଛ ଶୁଖି ରାସ୍ତା କଡରେ ଅଛି । ଏହି ରାସ୍ତାରେ ଆଡାସିପଡା ଅଞ୍ଚଳର ଲୋକ ମାନେ ଫୁଲବାଣୀ ଯିବା ପାଇଁ ମୁଖ୍ୟ ରାସ୍ତା ହୋଇ ଥିବାରୁ ସବୁ ବେଳେ ଗାଡ଼ି, ମଟର, ସାଇକେଲ ଦେଇ ଯାତାୟାତ କରିଥାନ୍ତି । କେତେବେଳେ ଏହି ଗଛ ଟି ଭାଙ୍ଗି ପଡ଼ି ଦୁର୍ଘଟଣା ଘଟି ଜନଜୀବନ ଅସ୍ତବ୍ୟସ୍ତ ହେବାର ଆଡେଇ ଦିଆଯାଇନ ପାରେ। ତେଣୁ ପ୍ରଶାସନ ଏହି ଅସୁବିଧା କୁ ଦୃଷ୍ଟି ଦେଇ ଗଛ କାଟିବାକୁ ଅଞ୍ଚଳର ବୁଦ୍ଧି ଜୀବି ଓ ଯୁବସମାଜ ସେବୀ ଦେବାଶିଷ ସାହାଣୀ ଦାବି କରିଛନ୍ତି ।



# ପଲ୍ଲୀରେ ପ୍ରଶାସନ ପଞ୍ଚାୟତସ୍ତରିୟ ଅଭିଯୋଗ ଶୁଣାଣି



**ପରଜଙ୍ଗ ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବ୍ଲକର ନିର୍ଦ୍ଧାରିତ ପଞ୍ଚାୟତରେ ପ୍ରତି ସୋମବର ପଲ୍ଲୀରେ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। ସେହିପରି ତା -୫/୮/୨୪ ରିଖ ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ କଙ୍କଡାଶୋଡା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ ଗ୍ରାମ ପଞ୍ଚାୟତ ସ୍ତରରେ ଅଭିଯୋଗ ଶୁଣାଣୀ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଆପତ୍ତି ଅଭିଯୋଗ ଶୁଣିବା ସହ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା, ସରକାରୀ ଯୋଜନା ସୁଫଳ ରୂପାୟନ କରାଯିବ, ଆବାସ ଗୃହ, ଭତ୍ତା, ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ହେଉଛି। ଏହି କାର୍ଯ୍ୟକ୍ରମ ବିଡ଼ିଓ ସଞ୍ଜୟ କୁମାର ପଣ୍ଡା ଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏହି କର୍ଯ୍ୟକର୍ମରେ କଙ୍କଡାଶୋଡା ସରପଞ୍ଚ ଭାରତୀ ସିଂ ସମସ୍ତ ପ୍ରକାର ସହାୟତା କରିଥିବା ବେଳେ ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ,ପରଜଙ୍ଗ ତହସିଲଦାର ମଦନ ମୋହନ ଜେନା ଯୋଗଦେଇ ପଞ୍ଚାୟତର ୬୯ ଜଣଙ୍କୁ ସରକାରୀ ଜମି ପଟ୍ଟା ପ୍ରଦାନ କରାଯାଇଥିଲା ଏବଂ ପରଜଙ୍ଗ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିବା ବେଳେ ଶାନ୍ତି ସୁଙ୍ଖଳା ସହ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ ଗ୍ରାମ ପଞ୍ଚାୟତ ସ୍ତରରେ ଅଭିଯୋଗ ଶୁଣାଣୀ ହେବାସହ ସମସ୍ତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

# ପ୍ରଥମଥର ପାଇଁ ଅନୁଷ୍ଠିତ ହେଲା ଟେଲେଣ୍ଟ ଆୱାର୍ଡ ୨୦୨୪



**ରାୟଗଡା,(ମହାଭାରତ) :** ସହରର ବିଜୁ ପଟ୍ଟନାୟକ ଅଡିଟୋରିଅମ ଠାରେ ରବିବାର ସନ୍ଧ୍ୟା ୫ଟା ସମୟରେ ପ୍ରଥମ ଥର ପାଇ ରାୟଗଡା ଟେଲେଣ୍ଟ ଆୱାର୍ଡ ୨୦୨୪ ଅନୁଷ୍ଠିତ ହେଇଜାଇଛି । ଯେଉଁଥିରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସମେତ ବରିଷ୍ଠ ବର୍ଷୀଆନ କଳାକାରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ଏବଂ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସିନେମା, ଟେଲିଭିଜନ, ଆଲବମ ଗୀତ, ଆଞ୍ଚଳିକ ଭାଷା କଳା ସଂସ୍କୃତି କ୍ଷେତ୍ରରେ ସର୍ବୋତ୍ତମ ନାୟକ , ନାୟିକା, ଖଳନାୟକ, ହାସ୍ୟ ଅଭିନେତା, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ, ଲୋକକଳା କଳାକାର, କ୍ୟାମେରାମେନ, ସସିଆଲ୍ ମିଡ଼ିଆ କ୍ରିଏଟର୍, ସମ୍ପାଦକ ଭଳି ବିଭିନ୍ନ କ୍ଷେତ୍ରରେ ବିଜେତା କଳାକାରଙ୍କୁ ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର ସହ ଜିଲ୍ଲାର ଲୁକାୟତ ପ୍ରତିଭାଙ୍କୁ ଲୋକଲୋଚନ କରିବା ଏବଂ ଦୀର୍ଘ ଦିନ ଧରି କଳା କ୍ଷେତ୍ରରେ କାର୍ଯ୍ୟରତ କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ମା ମଝିଘରିଆଣି ଏଣ୍ଟରଟେନମେଣ୍ଟ ଟ୍ରଷ୍ଟ ପକ୍ଷରୁ ପ୍ରଥମ ଥର ମା ମଝିଘରିଆଣି ଏଣ୍ଟରଟେନମେଣ୍ଟ ଟ୍ରଷ୍ଟ ଫାଉଣ୍ଡର ତଥା ମେନେଜିଙ୍ଗ ଟ୍ରଷ୍ଟି ସନ୍ତୋଷ କୁମାର ବଛା ସଦସ୍ୟ ପ୍ରିୟଦର୍ଶିନୀ ହୁଇକା, ପ୍ରିନ୍ସ ଗୁପ୍ତେ, ପ୍ରିୟଦର୍ଶିନୀ ହୁଇକା, ସିଦ୍ଧାର୍ଥ ମଲ୍ଲିକ, ସୁନିଲ ଖୁରା, ଗଣେଶ ବେହେରା ମାଲେସ କୌଶଲ୍ୟା, ଓଡ଼ିଆ ନାଟ୍ୟ ଓ ସିନେ ଜଗତର କଳାକାର ଡ଼ଃ ନରେନ୍ଦ୍ର ମିଶ୍ର, ପ୍ରଭାକର ମିଶ୍ର, ଓ ଗୋପୀନାଥ ମହାପାତ୍ର ଓ ଅନ୍ୟ ପ୍ରମୁଖ କଳାକାର ମାନେ ଉପସ୍ଥିତ ରହି ଥିଲେ ଏଥିରେ ସନମାନୀୟ ଅତିଥି ଭାବେ ଜିଲ୍ଲା ସମ୍ବାଦିକ ସଂଘ ସଭାପତି ବାଦଲ କୁମାର ତା ସହ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ମଧ୍ୟ ଯୋଗଦାନ ଦେଇ କାର୍ଯ୍ୟକ୍ରମ କୁ ସଫଳ ମଣ୍ଡିତ କରିଥିଲେ ।

# ପ୍ରଥମଥର ହେବାକୁ ଯାଉଛି ରାଜ୍ୟସ୍ତରୀୟ ରଗବି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



**କନ୍ଧମାଳ,(ମହାଭାରତ) :** ସୋମବାର ସ୍ଥାନୀୟ ବନାନୀ କଳା ସଙ୍ଗମ ପରିସରରେ ରାଜ୍ୟ ସ୍ତରୀୟ ରଗବି ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ନିମନ୍ତେ କ୍ରୀଡ଼ାବିତ, ବୁଦ୍ଧିଜୀବୀ, ଓ କ୍ରୀଡ଼ାପ୍ରେମୀ ଙ୍କୁ ନେଇ ଏକ ବୈଠକ ଅନୁଷ୍ଠୀତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କ୍ରୀଡ଼ାବିତ, ତଥା ଆସର୍ଟ ସମ୍ପାଦକ ମହମଦ ଜିଆ ଉଦିନ, ଅବସର ପ୍ରାପ୍ତ କାମାଣ୍ଡାଣ୍ଟ ତଥା ବୁଦ୍ଧିଜୀବୀ ନବୀନ କିଶୋର ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା କ୍ରୀଡ଼ାବିତ ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ଜିଲାରେ ରଗବି ଫୁଟବଲ ର ପ୍ରଚାର ପ୍ରସାର ପାଇଁ ଆସନ୍ତା ସେପ୍ଟେମ୍ବର ମାସ ଦ୍ୱିତୀୟ ସପ୍ତାହରେ ଫୁଲବାଣୀ ଠାରେ ଜି. ଉଦୟଗିରିର ଆସର୍ଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ୧୨ ବର୍ଷରୁ କମ ରାଜ୍ୟ ସ୍ତରୀୟ ରଗବି ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ନିମନ୍ତେ ମତ ରଖିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଇଂ ଅବନୀ କଂହର, ସନ୍ତୋଷ ଡିଗାଲ, ଅଶୋକ ମହାନ୍ତି,ସନାତନ ପ୍ରଧାନ, ରଗବି ଖେଳାଳି ଅର୍ଚ୍ଚିତା ପ୍ରଧାନ, ଶର୍ମିଳା ପ୍ରଧାନ, ଉଥପ ପ୍ରଧାନ ସଂଗୀତଜ୍ଞ ତଥା ସିନେ ଅଭିନେତା ଜଳନ୍ଧର ବେହେରା, ରଞ୍ଜିତ କୁମାର ଦିଗାଲ , ଅମୀୟ ନାୟକ ପ୍ରମୁଖ ଯୋଗ ଦେଇ ସୁଚିନ୍ତିତ ମତବ୍ୟକ୍ତ କରିବା ସହ ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଜିଲ୍ଲା ସ୍ତରୀୟ ପରିଚାଳନା କମିଟି ଗଠନ ପାଇଁ ଏକ କମିଟି ଗଠନ ପାଇଁ ମତ ଦେଇ ଥିଲେ । ଜିଲ୍ଲା ଆୟୋଜକ କମିଟିର ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକ,ଉପସଭାପତି ବରିଷ୍ଠ ସାମ୍ବାଦିକ ତଥା ପିପୁଲସ ଫୋରମ ସଭାପତି ରାଧା ମୋହନ ମହାପାତ୍ର,ସିନେ ଆର୍ଟିଷ୍ଟ ତଥା କ୍ରୀଡ଼ାପ୍ରେମୀ ଜଳନ୍ଧର ବେହେରା, ସାଧାରଣ ସମ୍ପାଦକ ତଥା ଆବାହକ ମହମଦ ଜିଆ ଉଦିନ, ସହ ସମ୍ପାଦକ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା, ଅଶୋକ ମହାନ୍ତି ମନୋନୀତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ଯୁବ ଆଦିବାସୀ ନେତା ସମୀର ଘଟକ୍ଷଲ, ସଂଗଠନ ସମ୍ପାଦକ ଭାବେ ସାମ୍ବାଦିକ ରଞ୍ଜିତ କୁମାର ଦିଗାଲ , ମନୋନୀତ ହୋଇଛନ୍ତି । ସେହିପରି ଉପଦେଷ୍ଟା ଭାବେ ଅବସର ପ୍ରାପ୍ତ କମାଣ୍ଡାଣ୍ଟ ନବୀନ ପଣ୍ଡା, ରୋଟାରୀଆନ ଜ୍ଞାନ ରଞ୍ଜନ ଦୋରା, ବରିଷ୍ଠ ସାମ୍ବାଦିକ ତଥା କ୍ରୀଡ଼ାବିତ ନାରାୟଣସହୁ, କ୍ରୀଡ଼ାବିତ ତଥା ସହର ବଣିକ ସଙ୍ଘ ସଭାପତି ଅଶୋକ ପଟନାୟକ, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଡିଗାଲ ପ୍ରମୁଖ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ସଭାପତି ସୁନିଲ ପଟ୍ଟନାୟକ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବାସହ ଟୁର୍ନାମେଣ୍ଟର ସଫଳତା କାମନା କରିଥିଲେ । ସହସମ୍ପାଦକ ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରୋଞ୍ଜ ଲଢ଼େଇରେ ଦୁଇ ପଦକ ହାତଛଡ଼ା

## ଲଢ଼େଇ କରି ହାରିଗଲେ ଲକ୍ଷ୍ୟ ସେନ୍

ପ୍ୟାରିସ,୫।୮: ଅଲିମ୍ପିକ୍ସ ଡେବ୍ୟୁରେ ପଦକ ଜିତିବାର ଅତି ନିକଟକୁ ଆସି ଏହାକୁ ହାତ ଛଡ଼ା କରିଛନ୍ତି ଭାରତର ଷ୍ଟାର ଶଟଲର ଲକ୍ଷ୍ୟ ସେନ। ଆଜି ସେ ବ୍ରୋଞ୍ଜ ପଦକ ଲଢ଼େଇରେ ସେ ବିଶ୍ବର ସପ୍ତମ ସିଡ ତଥା ମାଲେସିୟାର ଲି ଜି ଜିଆଙ୍କ ଠାରୁ ୧-୨ ସେଟରେ ହାରି ପ୍ୟାରିସରୁ ଖାଲି ହାତରେ ଫେରିଛନ୍ତି। ଏକଦା ୧-୦ରେ ଆଗରେ ଥିବା ଲକ୍ଷ୍ୟ ପରବର୍ତ୍ତୀ ଦୁଇଟି ଯାକ ସେଟ ହାରି ନିରାଶ ହୋଇଛନ୍ତି। ଲି ମାଲେସିୟା ପାଇଁ ବ୍ରୋଞ୍ଜ ଜିତି କମାଲ କରିଛନ୍ତି। ସେ ଲକ୍ଷ୍ୟଙ୍କୁ ୧୩-୨୧, ୨୧-୧୬ ଓ ୨୧-୧୧ରେ ହରାଇ ଏପରି ବିଜୟ ପାଇଛନ୍ତି।



ଭାରତର ପ୍ରଥମ ପୁରୁଷ ଖେଳାଳି ଭାବେ ଅଲିମ୍ପିକ୍ସର ନକଆଉଟ ପର୍ଯ୍ୟାୟରେ ଲକ୍ଷ୍ୟ ପ୍ରବେଶ କରିଥିଲେ ଉକ୍ତ ମ୍ୟାଚ୍‌ରେ ସେ ଦମଦାର ପ୍ରଦର୍ଶନ କରି ସେମିକୁ ଯାଇଥିଲେ କିନ୍ତୁ ସେମିରେ ତାଙ୍କୁ ବିଶ୍ବର ଦୁଇ ନମ୍ବର ସିଡ୍ ତଥା ଡେନମାର୍କର ଷ୍ଟାର ଭିକ୍ଟର ଆକ୍ସେଲସେନ ସହ କଡ଼ା ଲଢ଼େଇ କରି ହାରିବାକୁ ପଡ଼ିଥିଲା। ସେ ଭିକ୍ଟରଙ୍କ ଠାରୁ ୦-୨ରେ ହାରିଥିଲେ। ଏଥିପାଇଁ ଆଜି ତାଙ୍କୁ ଜିଆଙ୍କ ସହ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିବାକୁ ପଡ଼ିଥିଲା। ମ୍ୟାଚ୍ ଆରମ୍ଭରୁ ଲକ୍ଷ୍ୟଙ୍କ ଲୟ ଦମଦାର ଥିଲା ସେ ପ୍ରଥମ ସେଟକୁ ମାତ୍ର ୨୦ ମିନିଟ ମଧ୍ୟରେ ଶେଷ କରିଥିଲେ। ଏହି ସେଟକୁ ୨୧-୧୩ରେ ଜିତି ସେ ୧-୦ରେ ଆଗୁଆ ମଧ୍ୟ ହୋଇଯାଇଥିଲେ। ଦ୍ବିତୀୟ ସେଟରେ ମଧ୍ୟ ଲକ୍ଷ୍ୟ ଆରମ୍ଭରୁ କମାଲ କରିଥିଲେ। ସେ ଲିଙ୍କ ଠାରୁ ଯଥେଷ୍ଟ ଆଗରେ ମଧ୍ୟ ରହିଥିଲେ। କିନ୍ତୁ ଲି ଜବରଦସ୍ତ ଢଙ୍ଗରେ କମବ୍ୟାକ କରି ଦ୍ବିତୀୟ ସେଟର ପ୍ରଥମ ହାଫକୁ ୧୧-୮ରେ ଜିତି ନେଇଥିଲେ। ଦ୍ବିତୀୟ ହାଫରେ ମଧ୍ୟ ସେ କମାଲ କରିଥିଲେ ତେବେ ଲକ୍ଷ୍ୟ ତାଙ୍କୁ କଡ଼ା ଟକ୍କର ଦେଇଥିଲେ। ଏକଦା ସ୍ଥିତି ୧୭-୧୪ ହୋଇ ଲି ଜି ଜିଆଙ୍କ ସପକ୍ଷରେ ହୋଇ ଯାଇଥିଲା। ଲକ୍ଷ୍ୟ କମବ୍ୟାକ କରି ସ୍ଥିତିକୁ ୧୯-୧୬କୁ ଆଣିଥିଲେ। ହେଲେ ତାଙ୍କୁ ଦ୍ବିତୀୟ ସେଟକୁ ୨୧-୧୬ରେ ହାରିବାକୁ ପଡ଼ିଥିଲା। ଏହି ସେଟ ୨୬ ମିନିଟ ଧରି ଚାଲିଥିଲା।

ତୃତୀୟ ତଥା ନିର୍ଣ୍ଣାୟକ ସେଟରେ ଲି କ୍ରମାଗତ ଭାବେ ଲକ୍ଷ୍ୟଙ୍କ ଉପରେ ଚାପ ପକାଇ ପୂରା ବ୍ୟାକଫୁଟକୁ ଠେଲି ଦେଇଥିଲେ। ଏଥିସହ ଏହି ସେଟକୁ ସେ ୨୧-୧୧ରେ ଜିତି ଲକ୍ଷ୍ୟଙ୍କ ପଦକ ଆଶାକୁ ଚୂରମାର ଦେଇଥିଲେ।

## ସୁଟିଂ : ଚାଇନାଠୁ ହାରିଲା ଭାରତ

ପ୍ୟାରିସ,୫।୮ : ଶୁଟିଂର ସ୍କିଟ ମିକ୍ସଡ ଟିମ ଇଭେଣ୍ଟରେ କମାଲ କରିଥିଲେ ହେଁ ପଦକ ଜିଣିପାରିନାହିଁ। ଭାରତର ମାହେଶ୍ୱରୀ ଚୌହାନ ଓ ଅନନ୍ତଜୀତ ସିଂହ ଉଭୟ ଯୋଗ୍ୟତା ପର୍ଯ୍ୟାୟରେ ଦମ ଦେଖାଇ ଫାଇନାଲରେ ପ୍ରବେଶ କରିଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଯୋଡ଼ି ୪ର୍ଥ ସ୍ଥାନରେ ରହିବାରୁ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିଥିଲେ। ହେଲେ ଚୀନଠାରୁ ଅଳ୍ପକେ ୪୪-୪୩ ବ୍ୟବଧାନରେ ହାରିଯାଇଛନ୍ତି। ପଏଣ୍ଟ ସମାନ ରହିଥିଲେ ସୁଟ୍ ଆଉଟ୍ ଦ୍ୱାରା ନିର୍ଣ୍ଣୟ ହୋଇଥାନ୍ତା। ହେଲେ ଚୀନ ଏହା କରିବାକୁ ଦେଇନଥିଲା।



ଯୋଗ୍ୟତା ପର୍ଯ୍ୟାୟରେ ଉଭୟ ଦଳ ସମାନ ୧୪୬ ପଏଣ୍ଟ ସହ ୩ ସ୍ଥାନରେ ରହିଥିଲା। ତେଣୁ ଭାରତ ଓ ଚାଇନା ମଧ୍ୟରେ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ ହୋଇଥିଲା। ଶୁଟିଂର ସ୍କିଟ ମିକ୍ସଡ ଟିମ ଇଭେଣ୍ଟର ପ୍ରଥମ ସ୍ଥାନରେ ଇଟାଲୀ ଓ ଦ୍ବିତୀୟ ସ୍ଥାନରେ ଆମେରିକା ରହିଛନ୍ତି। ଇଟାଲୀର ପଏଣ୍ଟ ସଂଖ୍ୟା ୧୪୯ ଥିବା ବେଳେ ଆମେରିକାର ପଏଣ୍ଟ ସଂଖ୍ୟା ଏହାଠାରୁ ଗୋଟିଏ କମ। ଯୋଗ୍ୟତା ପର୍ଯ୍ୟାୟରେ ମାହେଶ୍ରୀ ଓ ଅନନ୍ତଜୀତ ଦମଦାର ପ୍ରଦର୍ଶନ କରିଥିଲେ। ଉଭୟଙ୍କ ମଧ୍ୟରେ ତାଳମେଳର ଜବରଦସ୍ତ କମ୍ବିନେସନ ମଧ୍ୟ ଦେଖିବାକୁ ମିଳିଥିଲେ।

## ମେଗା ଅକସନରେ ସାମିଲ ହେବେ ରୋହିତ !

ନୂଆଦିଲ୍ଲୀ,୫।୮: ଆଇପିଏଲ ୨୦୨୫ର ମେଗା ନିଲାମ ହେବାକୁ ଯାଉଛି। ଆଜ୍ଞା ହଁ, ସମସ୍ତ ଦଳରେ ବଡ ପରିବର୍ତ୍ତନ ଦେଖାଯିବ ଅନେକ ଦଳ ଏପରିକି ଷ୍ଟାର ଖେଳାଳିଙ୍କୁ ମୁକ୍ତ କରି ନିଲାମକୁ ପଠାଇବେ ଏହି ସମୟରେ, ଏହିପରି ଖେଳାଳି ମେଗା ନିଲାମରେ ମଧ୍ୟ ପ୍ରବେଶ କରିପାରିବେ, ଯାହାଙ୍କୁ ସମସ୍ତ ୯ଟିମ କିଣିବାକୁ ରେସ ଲଗାଇବେ ଏବଂ ତାଙ୍କୁ ଯେକୌଣସି ମୂଲ୍ୟରେ କିଣିବାକୁ ଚାହିଁବେ, ଯଦିଓ ଏଥିପାଇଁ ସେମାନଙ୍କର ପୁରା ପର୍ସ ଖାଲି ହୋଇପାରେ।

ଆଇପିଏଲ ୨୦୨୫ରେ ହେବାକୁ ଥିବା ମେଗା ନିଲାମ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ସେମାନଙ୍କର ପୁରୁଣା ଅଧିନାୟକ ରୋହିତ ଶର୍ମାଙ୍କୁ ମୁକ୍ତ କରି ନିଲାମରେ ଯୋଗ ଦେଇ ପାରିବେ। ସୂଚନାଯୋଗ୍ୟ, ଆଇପିଏଲ ୨୦୨୪ରେ ମୁମ୍ବାଇ ରୋହିତଙ୍କୁ ଅଧିନାୟକତ୍ୱରୁ ହଟାଇ ଦଳର କମାଣ୍ଡ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦେଇଥିଲେ ସେବେଠାରୁ ଖବର ଆସୁଛି ଯେ ରୋହିତ ଆଗାମୀ ମେଗା ନିଲାମରେ ମୁମ୍ବାଇ ଛାଡିପାରନ୍ତି।

ତେବେ ତାଙ୍କୁ ରିଟେନ କରିବାକୁ ମୁମ୍ବାଇ ସେମାନଙ୍କ ଷ୍ଟାର୍ଲାର୍ଟ ସହିତ କଥା ହୋଇପାରେ, କିନ୍ତୁ ଯଦି ରିପୋର୍ଟକୁ ବିଶ୍ୱାସ କରାଯାଏ ତେବେ ରୋହିତ ବର୍ତ୍ତମାନ ଆଗକୁ ବଢିବାକୁ ପ୍ରସ୍ତୁତ ଅଛନ୍ତି ଏବଂ ଏଥିପାଇଁ ନିଷ୍ପତ୍ତି ନେଇଛନ୍ତି। ହଁ, ଯଦି ମୁମ୍ବାଇ ରୋହିତଙ୍କୁ ପୁନର୍ବାର ଅଧିନାୟକ କରେ, ତେବେ ଏହି ବିଷୟ ବଦଳିପାରେ।

ଯଦି ରୋହିତ ଶର୍ମା ଆଇପିଏଲ ୨୦୨୫ମେଗା ନିଲାମରେ ପ୍ରବେଶ କରନ୍ତି, ତେବେ ପ୍ରତ୍ୟେକ ଦଳ ତାଙ୍କ ଉପରେ ଟେଣ୍ଡର କରୁଥିବା ଦେଖିବାକୁ ମିଳିବ ହଁ, ଏହା ସ୍ପଷ୍ଟ ଯେ ପ୍ରତ୍ୟେକ ଦଳ ରୋହିତଙ୍କ ଭଳି ଜଣେ ଅଧିନାୟକ ହେବାକୁ ଚାହାଁନ୍ତି, ଯିଏ ମୁମ୍ବାଇ ପାଇଁ ୫ଟି ଟ୍ରଫି ଜିତିଛନ୍ତି। ଏଭଳି ପରିସ୍ଥିତିରେ ମୁମ୍ବାଇ ଇଣ୍ଡିଆନ୍ସ ବ୍ୟତୀତ ଅବଶିଷ୍ଟ ୯ଟି ଦଳ ରୋହିତ କିଣିବା ପାଇଁ ପର୍ସ ଖାଲି କରିବା ପୂର୍ବରୁ ଥରେ ଚିନ୍ତା କରିବେ ନାହିଁ।

## ଆହତ ପାଇଁ ଜିତିବା ମ୍ୟାଚ୍ ହାରିଲେ ନିଶା

ପ୍ୟାରିସ,୫।୮: ପ୍ୟାରିସ ଅଲିମ୍ପିକ୍ସରେ ଏକ ନିଶ୍ଚିତ ବିଜୟକୁ ଆହତ ହାତଛଡ଼ା କରିଛନ୍ତି ଭାରତର ମହିଳା ରେସଲର ନିଶା ଦାହିୟା। ସେ ଆଜି ୬୮ କେଜି ଫ୍ରି ଷ୍ଟାଇଲ ଇଭେଣ୍ଟର କ୍ୱାର୍ଟର ଫାଇନାଲରୁ ଦୁଃଖଦ ବିଦାୟ ନେଇଛନ୍ତି।



କ୍ୱାର୍ଟର ଫାଇନାଲରେ ନିଶା ୮-୧ରେ ଆଗରେ ରହିଥିଲେ। କିନ୍ତୁ ହଠାତ୍ ଉତ୍ତର କୋରିଆର ପାକ ସୋଲ ଗମ ବେଶ ଚତୁରତାର ସହ ନିଶାଙ୍କ ଡାହାଣ ହାତକୁ ମୋଡ଼ି ଦେଇଥିଲେ। ନିଶା ବେଶ ଯନ୍ତ୍ରଣା ଅନୁଭବ କରିବା ସହ ଖେଳ କିଛି ସମୟ ଅଟକି ଥିଲା

ଏହାପରେ ନିଶା ପୁଣି ଲଢ଼ିବା ପାଇଁ ପ୍ରସ୍ତୁତ ହୋଇଥିଲେ। ତାଙ୍କୁ କେବଳ ପ୍ରାୟ ଦେଢ଼ ମିନିଟ ଡିଫେଣ୍ଡ କରିବାର ଥିଲା ହେଲେ। ସେ ନିଜର ଆହତ ସମସ୍ୟା ଯୋଗୁ ଗ୍ରିପ କରି ପାରି ନଥିଲେ। ଏହାର ଫାଇଦା ପାକ ଉଠାଇଥିଲେ। ସେ ଚତୁରତାର ସହ ନିଶାଙ୍କୁ ଏକାଧିକ ଥର ମ୍ୟାଟରେ ଓଲଟାଇ ପଏଣ୍ଟକୁ ବରାବର କରି ଦେଇଥିଲେ। ଏହି ସମୟରେ ନିଶାଙ୍କ କାନ୍ଧରେ ମଧ୍ୟ ଆଘାତ ଲାଗିଥିଲା।

ସେ କାନ୍ଦିବାକୁ ଲାଗିଥିଲେ। ପୁଣି ଅଫିସିଆଲମାନେ ଆସି ତାଙ୍କର ଚିକିତ୍ସା କରିଥିଲେ। ଲୁହ ଭିଜା ଆଖିରେ ସେ ଶେଷ ମୁହୂର୍ତ୍ତରେ ଲଢ଼େଇ କରିଥିଲେ। ହେଲେ ସେ ପାକ୍‌କୁ ଅଟକାଇ ପାରି ନଥିଲେ। ଏକଦା ୧-୮ ପଛରେ ଥିବା ପାକ୍ ଶେଷ ୩୦ ସେକେଣ୍ଡରେ ମ୍ୟାଚ୍‌କୁ ୧୦-୮ରେ ଜିତି ନେଇଥିଲେ। ଏଥିସହ ନିଶାଙ୍କ ସେମି ଫାଇନାଲ ଖେଳିବା ସ୍ୱପ୍ନକୁ ଧୂଳିସାତ କରି ଦେଇଥିଲେ। ଆହତ ନିଶା କାନ୍ଦି କାନ୍ଦି ଶେଷରେ ମ୍ୟାଟରୁ ଦୁଃଖଦ ବିଦାୟ ନେଇଥିଲେ ନିଶା ସେମି ଫାଇନାଲରେ ପ୍ରବେଶ କରିଥିଲେ ଭାରତ ସମ୍ଭବତଃ ରେସଲିଂରୁ ପଦକ ଜିତିବାକୁ ସକ୍ଷମ ହୋଇଥାଆନ୍ତା।

## ଦ୍ରାବିଡଙ୍କୁ ପଛରେ ପକାଇଲେ ରୋହିତ

କଲମ୍ବୋ,୫।୮: ଶ୍ରୀଲଙ୍କା ବିପକ୍ଷ ଚାଲିଥିବା ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଦୃଢ ପ୍ରଦର୍ଶନ କରି ପୂର୍ବତନ ଭେଟେରାନ ଖେଳାଳି ରାହୁଲ ଦ୍ରାବିଡଙ୍କୁ ପଛରେ ପକାଇଥିଲେ। ରନ ଦୃଷ୍ଟିରୁ ଟିମ ଇଣ୍ଡିଆର ପୂର୍ବତନ ମୁଖ୍ୟ କୋଚ ତଥା ଖେଳାଳି ରାହୁଲ ଦ୍ରାବିଡଙ୍କୁ ପଛରେ ପକାଛନ୍ତି। ଏହି ମ୍ୟାଚ ଆରମ୍ଭ ପୂର୍ବରୁ ହିଟମ୍ୟାନ ତାଙ୍କ କ୍ୟାରିୟରରେ ୨୬୩ଟି ଦିନିକିଆ ମ୍ୟାଚରେ ୧୦,୭୬୭ ରନ ସ୍କୋର କରିଥିଲେ, କିନ୍ତୁ ଦୁଇ ରନ ସ୍କୋର କରିବା ପରେ ସେ ପୂର୍ବତନ ବ୍ୟାଟ୍ସମ୍ୟାନଙ୍କଠାରୁ ଆଗରେ ଯାଇଥିଲେ। ସେ ବର୍ତ୍ତମାନ ଏହି ତାଲିକାରେ ଚତୁର୍ଥ ସ୍ଥାନକୁ ଆସିଛନ୍ତି। ୩୪୦ ଦିନିକିଆ ମ୍ୟାଚରେ ଦ୍ରାବିଡଙ୍କ ନାମରେ ୧୦,୭୬୮ ରନ ରହିଛି। ରୋହିତ ୨୬୪ ମ୍ୟାଚରେ ୧୦,୮୩୧ ରନ ସଂଗ୍ରହ କରିଛନ୍ତି। ଏହି ତାଲିକାରେ ସଚିନ ତେନ୍ଦୁଲକର ଶୀର୍ଷରେ ଥିବାବେଳେ ବିରାଟ କୋହଲି ଏବଂ ସୌରଭ ଗାଙ୍ଗୁଲି ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଅଛନ୍ତି।

## ଅଲିମ୍ପିକ୍ସ ଉଦଯାପନୀ ଉତ୍ସବରେ ମନୁ ଭାକର ଧ୍ୱଜା ବାହକ



ନୂଆଦିଲ୍ଲୀ,୫।୮(ଏଜେନ୍ସି): ଭାରତର ଷ୍ଟାର ଶୁଟର ତଥା ପ୍ୟାରିସ ଅଲିମ୍ପିକ୍ସରେ ରେକର୍ଡ ଦୁଇଟି ପଦକ ଜିତିଥିବା ମନୁ ଭାକରଙ୍କୁ ମିଳିଛି ଗୁରୁ ଦାୟିତ୍ୱ। ସେ ପ୍ୟାରିସରେ ଚାଲିଥିବା ଅଲିମ୍ପିକ୍ସର ଉଦଯାପନୀ ଉତ୍ସବରେ ଭାରତର ଧ୍ୱଜା ବାହକ ସାଜିବେ। ଆସନ୍ତା ରବିବାର ପ୍ୟାରିସ ଅଲିମ୍ପିକ୍ସର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ। ମନୁ ପ୍ୟାରିସ ଅଲିମ୍ପିକ୍ସରେ ଭାରତର ପଦକ ତାଲିକା ଖୋଲିଥିଲେ। ସେ ପ୍ରଥମ ଭାରତୀୟ ଭାବେ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପଦକ ଜିତିବାର ରେକର୍ଡ କରିଥିଲେ। ଏହାପରେ ମନୁ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ସରବଜୋତ ସିଂହଙ୍କୁ ସାଥୀ କରି ଆଉ ଏକ ବ୍ରୋଞ୍ଜ ପଦକ କବଜା କରିଥିଲେ। ସେହିପରି ୨୫ ମିଟର ପିସ୍ତଲରେ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଂଚିତ ହୋହାଇଥିଲେ। ତେଣୁ ତାଙ୍କୁ ଉଦଯାପନୀ ଉତ୍ସବରେ ଭାରତର ଧ୍ୱଜା ବାହକ କରାଯାଇଛି।

ଆଇଓଏ ପକ୍ଷରୁ କୁହାଯାଇଛି ଯେ ହଁ, ମନୁ ଭାକବର ଧ୍ୱଜା ବାହକ ଭାବେ ଚୟନ ହୋଇଛନ୍ତି ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି ଓ ସେ ଏପରି ସମ୍ମାନର ହକଦାର ଏହାପୂର୍ବରୁ ମନୁ କହିଥିଲେ ଯେ ଭାରତର ଧ୍ୱଜାବାହକ ବନିବା ନିଶ୍ଚିତ ଗର୍ବ ଓ ସମ୍ମାନର ବିଷୟ। ଚଳିତ ଅଲିମ୍ପିକ୍ସରେ ମନୁଙ୍କ ବ୍ୟତୀତ ୫୦ ମିଟର ପିସ୍ତଲ ଥ୍ରୀ ପୋଜିସନ ମ୍ୟାଚ୍‌ରେ ଭାରତ ପାଇଁ ସ୍ୱପ୍ନିଲ କୁଶାଲେ ମଧ୍ୟ ବ୍ରୋଞ୍ଜ ଜିତିଛନ୍ତି।

## ମନୁଙ୍କ ବହୁ ବର୍ଷର ଇଚ୍ଛା ପୂରଣ ହେବ

ନୂଆଦିଲ୍ଲୀ,୫।୮(ଏଜେନ୍ସି): ମନୁ ଭାକର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାକାର ହୋଇଛି ମନୁ ଭାକର ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିଛନ୍ତି ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ମନୁ କେବଳ ଗୋଟିଏ ନୁହେଁ ଦୁଇଟି ପଦକ ଜିତିଛନ୍ତି ଏଭଳି କରିବାରେ ଦେଶର ପ୍ରଥମ ଅଲିମ୍ପିକ ଖେଳାଳି ହୋଇପାରିଛନ୍ତି।



ଗୋଟିଏ ପଟେ ମନୁ ଭାକର ଅଲିମ୍ପିକ୍ସରେ ପଦକ ଜିତି ସମଗ୍ର ଦେଶର ସ୍ୱପ୍ନକୁ ପୂରଣ କରିଛନ୍ତି ଏବେ ତାଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ସମୟ ମନୁ ଏକ ଚମତ୍କାର ଏବଂ ବିଳାସପୂର୍ଣ୍ଣ କାର ପାଇବା ପାଇଁ ବର୍ଷ ବର୍ଷ ଧରି ସ୍ୱପ୍ନ ଦେଖିଥିଲେ ଅଲିମ୍ପିକ୍ସରେ ଏହି ଦ୍ୱିଗୁଣ ବିଜୟ ପରେ, ମନୁଙ୍କର ପୁରୁଣା ସ୍ୱପ୍ନ ସାକାର ହେବାକୁ ଯାଉଛି। ରିପୋର୍ଟ ଅନୁଯାୟୀ ମନୁ କାର ଏବଂ ବାଇକକୁ ବହୁତ ଭଲ ପାଆନ୍ତି ମନୁ ଭାକରଙ୍କ ମାତା ସୁମେଧା ଭାକର କହିଛନ୍ତି ଯେ ତାଙ୍କ ଝିଅ ଫେରିବା ପରେ ସେ ତାଙ୍କୁ ନିଜ ପସନ୍ଦର କାର ଉପହାର ଦେବେ କାର ବ୍ୟତୀତ ମନୁ ମଧ୍ୟ ସୁନାକୁ ବହୁତ ଭଲ ପାଆନ୍ତି। ମନୁଙ୍କ ମା କହିଛନ୍ତି, ମନୁ ପ୍ରତିଦିନ ଏକ କାର ଶୋରୁମ ଆଡକୁ ଚାହିଁ କହନ୍ତି ଯେ ସେ ଦିନେ ଏହି କାର କିଣିବେ ମନୁଙ୍କ ମା ମନୁଙ୍କୁ ତାଙ୍କ ପ୍ରିୟ କାର ଲ୍ୟାଣ୍ଡ ରୋଭର ଡିଫେଣ୍ଡରଙ୍କୁ ତାଙ୍କ ଉପହାର ସ୍ୱରୂପ ଦେବା ବିଷୟରେ କହିଛନ୍ତି।

## ପ୍ରସିଦ୍ଧ ଇଂଲଣ୍ଡ କ୍ରିକେଟର୍‌ଙ୍କ ପରଲୋକ

ଲଣ୍ଡନ,୫।୮(ଏଜେନ୍‌ସି): ଇଂଲଣ୍ଡର ପୂର୍ବତନ ବ୍ୟାଟ୍ସମ୍ୟାନ ଗ୍ରାହାମ ଥୋର୍ପେଙ୍କ ଦେହାନ୍ତ ହୋଇଛି। ସେ ଦୀର୍ଘ ସମୟ ଧରି ଅସୁସ୍ଥ ଥିଲେ।



୫୫ ବର୍ଷ ବୟସରେ ଥୋର୍ପେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ଚାରି ଦିନ ପୂର୍ବରୁ ଥୋର୍ପେ ତାଙ୍କ ଜନ୍ମଦିନ ପାଳନ କରିଥିଲେ।

ଥୋର୍ପେଙ୍କ ଅସୁସ୍ଥତା ସମ୍ପର୍କରେ କୌଣସି ପ୍ରକାରର ଖୁଲାସା ହୋଇ ନ ଥିଲା, କିନ୍ତୁ ସେ ଦୀର୍ଘ ଦିନ ଧରି ରୋଗରେ ପୀଡିତ ଥିଲେ ଥୋର୍ପେ ଏକ ସମୟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ ଯେତେବେଳେ ସଚିନ ତେନ୍ଦୁଲକର ଏବଂ ବୀରେନ୍ଦ୍ର ସେହ୍ୱାଗଙ୍କ ପରି ମହାନ ଭାରତୀୟ ବ୍ୟାଟ୍ସମ୍ୟାନ ଖେଳିଥିଲେ।

୧୦୦ଟି ଟେଷ୍ଟ ମ୍ୟାଚ ଖେଳିଥିବା ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଥୋର୍ପେ ଥିଲେଙ୍ଗ୍ ଅନ୍ୟତମ ମାତ୍ର ୫୫ ବର୍ଷ ବୟସରେ ଥୋର୍ପେଙ୍କ ଦେହାନ୍ତ କ୍ରିକେଟ ଜଗତ ପାଇଁ ଦୁଃଖର ବିଷୟ ଥୋର୍ପେ ଭାରତ ବିପକ୍ଷରେ ୫ଟି ଟେଷ୍ଟ ମ୍ୟାଚ ଖେଳିଥିଲେ।

୧୯୯୩ରୁ ୨୦୦୫ ପର୍ଯ୍ୟନ୍ତ ଗ୍ରାହାମ ଥୋର୍ପେ ଇଂଲଣ୍ଡ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ। ଏହି ଅବଧିରେ ସେ ୧୦୦ ଟେଷ୍ଟ ଏବଂ ୮୨ଟି ଦିନିକିଆ ମ୍ୟାଚ ଖେଳିଥିଲେ। ଟେଷ୍ଟର ୧୭୯ ଇନିଂସରେ ବ୍ୟାଟିଂ କରି ସେ ହାରାହାରି ୪୪.୬୬ରେ ୬୭୪୪ ରନ ସ୍କୋର କରିଥିଲେ ତାଙ୍କର ଉଚ୍ଚ ସ୍କୋର ୨୦୦ ଅପରାଜିତ ରନ ଥିଲା। ଥୋର୍ପେ ୧୬ ଶତକ ଏବଂ ୩୯ ଅର୍ଦ୍ଧଶତକ ହାସଲ କରିଥିଲେ।

## ଟି -୨୦ ବିଶ୍ୱକପ ଆୟୋଜନ ଅଧିକାର ବାଂଲାଦେଶଠାରୁ ଛଡ଼ାଇ ନେବ ଆଇସିସି !

ନୂଆଦିଲ୍ଲୀ,୫।୮(ଏଜେନ୍‌ସି): ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ତାଙ୍କ ପଦରୁ ଇସ୍ତଫା ଦେବା ସହ ଦେଶ ଛାଡି ଚାଲଯାଇଛନ୍ତି। ବର୍ତ୍ତମାନ ସେନା ବାଂଲାଦେଶର ଶକ୍ତି ଦଖଲ କରିଛି। ଏଥି ସହିତ, ଏହା ନିଶ୍ଚିତ ଯେ ଏହି ରାଜନୈତିକ ହିଂସା କ୍ରୀଡା ସମ୍ବନ୍ଧୀୟ ଘଟଣାଗୁଡ଼ିକ ଉପରେ ପ୍ରଭାବ ପକାଇବ ତେଣୁ ମହିଳା ଟି -୨୦ ବିଶ୍ୱକପ ଆୟୋଜନ ବାଂଲାଦେଶଠାରୁ ଛଡ଼ାଇ ନିଆଯାଇପାରେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବାଂଲାଦେଶର ପରିସ୍ଥିତି ଉପରେ ଆଇସିସି ତୀକ୍ଷ୍ଣ ନଜର ରଖିଛି ଆଇସିସି। ମହିଳା ଟି -୨୦ ବିଶ୍ୱକପ ଅକ୍ଟୋବରରେ ବାଂଲାଦେଶରେ ଅନୁଷ୍ଠିତ ହେବାକୁ ପ୍ରସ୍ତାବ ଦିଆଯାଇଛି, କିନ୍ତୁ ରାଜନୈତିକ ପରିସ୍ଥିତି ଯୋଗୁ ବାଂଲାଦେଶୀ ମାଟିରେ ଟି -୨୦ ବିଶ୍ୱକପ ଆୟୋଜନ କରିବା ସମ୍ଭବ ନୁହେଁ। ଏଭଳି ପରିସ୍ଥିତିରେ ଶ୍ରୀଲଙ୍କା କିମ୍ବା ସଂଯୁକ୍ତ ଆରବ ଏମିରେଟ୍ସରେ ମହିଳା ଟି -୨୦ ବିଶ୍ୱକପ ଆୟୋଜିତ ହୋଇପାରେ। ତେବେ ଏ ପର୍ଯ୍ୟନ୍ତ କୌଣସି ଅଫିସିଆଲେ ବିବୃତ୍ତି ଆସିନାହିଁ। କିନ୍ତୁ ବିଶ୍ୱାସ ରହିଛି ଯେ ଆଇସିସି ଶୀଘ୍ର ଏକ ବଡ ନିଷ୍ପତ୍ତି ନେଇପାରେ।

## ଶାମିଙ୍କୁ ଜୋତା ମାରିବାକୁ ଧମକ ଦେଲେ ପୂର୍ବତନ ସ୍ତ୍ରୀ

ନୂଆଦିଲ୍ଲୀ,୫।୮ : ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମି ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ପ୍ରାୟତଃ ରହିଥାନ୍ତି। ଶାମି ହସିନ ଜାହାଁଙ୍କୁ ବିବାହ କରିଥିଲେ କିନ୍ତୁ ବର୍ତ୍ତମାନ ଦୁହେଁ ପରସ୍ପରକୁ ଛାଡପତ୍ର ଦେଇଛନ୍ତି। ଉଭୟ ଦମ୍ପତିଙ୍କର ଗୋଟିଏ ଝିଅ ଅଛି, ଯାହାର ନାମ ଆୟରା ବର୍ତ୍ତମାନ ମହମ୍ମଦ ଶାମି ତାଙ୍କ ୬ ବର୍ଷର ଝିଅ ଆୟରାଙ୍କୁ ଭେଟିବାକୁ ଆସିଛନ୍ତି। ଆୟରା ତାଙ୍କ ମା ହସିନଙ୍କ ସହ ରୁହନ୍ତି ସୋସିଆଲ ମିଡିଆରେ ପୋଷ୍ଟ କରି ହସିନ ଜାହା ଏହି ସୂଚନା ଦେଇଛନ୍ତି। ଏଥି ସହିତ ସେ ନିଜ ରାଗ ପ୍ରକାଶ କରିଛନ୍ତି।



ହସିନ ଜାହାନ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି ଭଗବାନଙ୍କୁ ଧନ୍ୟବାଦ, ବେବୋ ଶେଷରେ ତାଙ୍କ ପିତାଙ୍କୁ ଭେଟିବାକୁ ଯାଇଛନ୍ତି ଏବଂ ଆଲ୍ଲା ମୋ ଝିଅକୁ ପ୍ରତ୍ୟେକ ଶତ୍ରୁ ଏବଂ ମନ୍ଦ ଆଖିରୁ ରକ୍ଷା କରନ୍ତୁ। ୬ ବର୍ଷ ପରେ ତାଙ୍କ ଝିଅ କଥା ମନେ ପଡିଛି। ମୁଁ ଏପର୍ଯ୍ୟନ୍ତ ସବୁକିଛି ସହିକି ଅଛି। ମୁଁ ଭାବୁଛି ସାମି ସୁଧୁରି ଯିବେ। କିନ୍ତୁ ସେ ମୋ ଝିଅକୁ ମୋଠାରୁ ଛଡେଇ ନେବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଆହହା ସବୁ କିଛିର ହିସାବ ଦେବେ। ସବୁକିଛି ମୋ ହାତରେ ଥିଲେ ମୁଁ ଜୋତାରେ ପିଟନ୍ତି। ମୁଁ ଅପେକ୍ଷା କରି ରହିଛି। ଆଉ ବେଶୀ ଦିନ ବାକି ନାହିଁ।

## ହାରିବା ପରେ ଅସନ୍ତୋଷ ପ୍ରକାଶ କଲେ ରୋହିତ

କଲମ୍ବୋ,୫।୮ : ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଦିନିକିଆରେ ଭାରତର ପରାଜୟକୁ ନେଇ କ୍ୟାପଟେନ ରୋହିତ ଶର୍ମା ନିରାଶ ହୋଇଛନ୍ତି ରବିବାର ଖେଳାଯାଇଥିବା ମ୍ୟାଚରେ ଶ୍ରୀଲଙ୍କା ଭାରତକୁ ୩୨ ରନରେ ପରାସ୍ତ କରିଛି। ଏହି ବିଜୟ ସହିତ ଆୟୋଜକମାନେ ସିରିଜରେ ୧-୦ ଅଗ୍ରଣୀ ହାସଲ କରିଛନ୍ତି। ଏବେ ତୃତୀୟ ଦିନିକିଆ। ଉପରେ ଭାରତର ନଜର ରହିବ।



ତୃତୀୟ ଦିନିକିଆରେ ପରାଜୟ ପରେ ରୋହିତ ଶର୍ମା କହିଛନ୍ତି, ଅନ୍ତର୍ଜାତୀୟ ମ୍ୟାଚ୍‌ରେ ହାରିଲେ କଷ୍ଟ ହୁଏ ଏହା କେବଳ ୧୦ ଓଭରରେ ନୁହେଁ, ଯେଉଁଥିରେ ଭାରତ ୫୦ରନ ପାଇଁ ୬ଟି ଉଇକେଟ ହରାଇଥିଲା। ଆମକୁ କ୍ରମାଗତ କ୍ରିକେଟ ଖେଳିବାକୁ ପଡିବ ଏବଂ ଆମେ ତାହା କରିବାରେ ବିଫଳ ହେଲୁ ଅବଶ୍ୟ କ୍ରିକେଟ୍‌ରେ ଏହା ଘଟେ ଆମେ ଭଲ ଖେଳି ନ ଥିଲୁ ଅମକୁ ଖେଳ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। କିନ୍ତୁ ମଧ୍ୟମ ଓଭରରେ ଆମର ବ୍ୟାଟିଂ ବିଷୟରେ ଆଲୋଚନା ହେବ।

ସେ କହିଥିଲେ ଯେ ଆପଣଙ୍କୁ କ୍ରମାଗତ କ୍ରିକେଟ୍ ଖେଳିବାକୁ ପଡିବ ଏବଂ ଆଜି ଆମେ ତାହା କରିବାରେ ବିଫଳ ହେଲୁ ଏହା ବ୍ୟତୀତ ଭାରତୀୟ ଅଧିନାୟକ ମଧ୍ୟ କହିଛନ୍ତି ଯେ କିଛି ନିରାଶା ଅଛି। କିନ୍ତୁ ଏଭଳି ଘଟଣା ଘଟେ। ମ୍ୟାଚ୍ ପରେ ରୋହିତ ଶର୍ମା କହିଛନ୍ତି, ଯେତେବେଳେ ତୁମେ ଗୋଟିଏ ମ୍ୟାଚ୍ ହାରୁଛ, ସବୁକିଛି କଷ୍ଟଦାୟକ ଅଟେ। ଏହା ସେହି ୧୦ ଓଭର ବିଷୟରେ ନୁହେଁ ତୁମକୁ କ୍ରମାଗତ କ୍ରିକେଟ୍ ଖେଳିବାକୁ ପଡିବ ଏବଂ ଆଜି ଆମେ ତାହା କରିବାରେ ବିଫଳ ହେଲୁ। ମନରେ ବହୁତ ଦୁଃଖ, ଟିକିଏ ନିରାଶ ଅଛି। କିନ୍ତୁ ମନରେ ତାଙ୍କ ଇନିଂସ ବିଷୟରେ ଅଧିକ କଥାବାର୍ତ୍ତା କରି ଭାରତୀୟ ଅଧିନାୟକ କହିଛନ୍ତି, ମୋର ୬୫ ରନ୍ ସ୍କୋର କରିବାର କାରଣ ହେଉଛି ମୋର ବ୍ୟାଟିଂ ଶୈଳୀ।

ଯେତେବେଳେ ମୁଁ ଏହିପରି ବ୍ୟାଟିଂ କରେ, ସେତେବେଳେ ମୋତେ ବହୁତ ବିପଦ ନେବାକୁ ପଡେ। ଯଦି ତୁମେ ତୁମର ଲାଇନ ଅତିକ୍ରମ ନକର, ତେବେ ତୁମେ ସମସ୍ୟା ଭୋଗିବ ଏହା ନିଶ୍ଚୟ। ପାୱାରପ୍ଲେରେ ଯେତିକି ସମ୍ଭବ ତାହା ପାଇବାକୁ ଚେଷ୍ଟା କରିବାକୁ ପଡିବ। ଆମେ କିପରି ଖେଳିଲୁ ସେ ବିଷୟରେ ଅଧିକ ଜାଣିବାକୁ ଚାହୁଁନାହୁଁ, କିନ୍ତୁ ଆମ ବିଷୟରେ ଆଲୋଚନା ହେବ।



## କାର୍ତ୍ତିକ ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍ ଆମ୍ବାସାଡର

ଜୋହାନ୍ସବର୍ଗ, ୫।୮: ଭାରତର ପୂର୍ବତନ ଉଇକେଟକିପର ବ୍ୟାଟର ଦୀନେଶ କାର୍ତ୍ତିକ ସୋମବାର ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍ ଆମ୍ବାସାଡର ଭାବେ ନିଯୁକ୍ତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍ ସହ ସମ୍ପୃକ୍ତ ରହିବାରେ କାର୍ତ୍ତିକ ପ୍ରଥମ ପ୍ରଥମ ଭାରତୀୟ ଖେଳାଳି।

ଚଳିତମାସ ଆରମ୍ଭରେ ଦୀନେଶ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍ ବର୍ତ୍ତମାନ ଲୋକପ୍ରିୟ ହେବାରେ ଲାଗିଛି। ପ୍ରତିଯୋଗିତାର ପ୍ରଥମ ଦୁଇ ସିଜନରେ ବିଶ୍ବର କେତେଜଣ ଶ୍ରେଷ୍ଠ ଖେଳାଳି ଏବଂ ଯୁବ ପ୍ରତିଭା ବିଶ୍ୱ ମଞ୍ଚରେ ସେମାନଙ୍କର ପାରଦର୍ଶିତା ଦେଖାଇଛନ୍ତି। କାର୍ତ୍ତିକ ଦକ୍ଷିଣ ଆଫ୍ରିକା ଟି୨୦ର ଆଉ ଜଣେ ଆମ୍ବାସାଡର ଏବି ଡି ଭିଲର୍ସଙ୍କ ସହିତ ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟେ ଭାରତ ଓ ୟୁକେରେ ଏହି ଲିଗ୍‌ର ମାର୍କେଟିଂ ଷ୍ଟ୍ରାଟେଜି ପ୍ରସ୍ତୁତ କରିବେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ